ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯବେକ୍ଷକ

Vol.26 . No.32 Bhubaneswar Tuesday March 07 2023 | ୨୬ତମ ବର୍ଷ ସଂଖ୍ୟା–୩୨ ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୦୭, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


## ଗୋପାଳ ପାଗଳ ନୁହେଁ, ସାମ୍ନାକୁ ଆସିଲା କୋର୍ଟଙ୍କ ରାୟ





ଭୁବନେଶ୍ୱର,୬।୩(ପି.ଏନ): ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ସାମ୍ନାକୁ ଆସିଲା ବଡ ତଥ୍ୟ। ଗୋପାଳ ପାଗଳ ନୁହେଁ ବୋଲି ରାୟରେ ସ୍ପଷ୍ଟ କଲେ ଝାରସୁଗଡା ଅତିରିକ୍ତ ଜିଲ୍ଲା କୋର୍ଟ। ଗୋପାଳକୁ ୩ ସପ୍ତାହ ଧରି ନିଜ ହେପାଜତକ ନେବା ପାଇଁ କ୍ରାଇମବ୍ରାଞ୍ଚର ଆବେଦନ ଖାରଜ ଅବସରରେ କୋର୍ଟ ରାୟରେ ଏହା ସ୍ପଷ୍ଟ କରିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତଥା ଡିଏମ୍ଇଟିଙ୍କ ନିର୍ଦ୍ଦେଶ ଅନୁସାରେ ଗଠନ ହୋଇଥିବା ୪ ଜଣିଆ ମେଡିକାଲ ବୋର୍ଡ ଅଭିଯୁକ୍ତ ଗୋପାଳର ମନସ୍ତତ୍ତ୍ୱ ପରୀକ୍ଷଣ କରିଥିଲେ। ଗତ ମାସ ୫ ତାରିଖରେ ଏହି ପରୀକ୍ଷଣ ରିପୋର୍ଟ କୋର୍ଟରେ ଦାଖଲ ହୋଇଥିଲା।ମେଡିକାଲ ବୋର୍ଡ ଟେଷ୍ଟ ରିପୋର୍ଟ ଆଧାରରେ ରାୟ ଦେଇଥିଲେ କୋର୍ଟ। ଟେଷ୍ଟ ରିପୋର୍ଟ ଅନୁସାରେ ଗୋପାଳ ପାଗଳ ନୁହେଁ ବୋଲି ସ୍ପଷ୍ଟ ଉଲ୍ଲେଖ କରାଯାଇଛି।

## ପୁଲିସକୁ ଚକମା ଦେଇ ଖସିଗଲେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍

ନୂଆଦିଲ୍ଲୀ,୬।୩(ପି.ଏନ)ଖାନ୍। ଇମ୍ରାନଙ୍କୁ ଗିରଫ ପାଇଁ କୋର୍ଟଙ୍କ ଗିରଫ ପରୱାନା ଧରି ପୁଲିସ ତାଙ୍କ ଘରେ ପହଞ୍ଚିବା ବେଳକୁ ଇମ୍ରାନ ଗାଏବ। ପରେ ଖାଲି ହାତରେ ଫେରିଲା ପୁଲିସ। ତୋଷଖାନା ମାମଲାରେ ଗତ ଫେବ୍ରୁଆରୀ ୨୮ ତାରିଖରେ ଇମ୍ରାନଙ୍କ କୋର୍ଟରେ ହାଜର ହୋଇନଥିବାରୁ ତାଙ୍କୁ ଗିରଫ କରିବାକୁ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ ଲାହୋର ସେସନ୍ସ କୋର୍ଟ। ତେଣୁ ଇମ୍ରାନଙ୍କୁ ଆଜି ଗିରଫ ପାଇଁ ତାଙ୍କ ଲହୋର ସ୍ଥିତ ଘରେ ପହଞ୍ଚିଥିଲା ଇସଲାମାବାଦ ପୁଲିସ। ସେପଟେ ପୂର୍ବରୁ ଏ ସମ୍ପର୍କରେ ସୂଚନା ପାଇ ତାଙ୍କ ଘର ଆଗରେ ବହୁ ସଂଖ୍ୟାରେ ଅନୁଗତ ତଥା ପିଟିଆଇର ବହୁ କର୍ମୀ ଏକାଠି ହୋଇଥିଲେ। ସେପଟେ ଇସାଲାମାବାଦ ପୋଲିସର ନୋଟିସ ମିଳିଛି, କିନ୍ତୁ ଏଥିରେ ଗିରଫ ପାଇଁ ନିର୍ଦ୍ଦେଶ ନଥିବା କଥା କହିଛନ୍ତି ପାକିସ୍ତାନ ତେହରିକ ଇ ଇନସାଫ୍ ଦଳର ଉପାଧ୍ୟକ୍ଷ।ଏ ସମ୍ପର୍କରେ ଆଇନଜୀବୀଙ୍କ ସହ ପରାମର୍ଶ କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଇମ୍ରାନଙ୍କ ଦଳ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଅର୍ଥ ହେରଫେର ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ବିରୋଧରେ ଏକ ପାକିସ୍ତାନୀ କୋର୍ଟ ଜାମିନ ବିହୀନ ୱାରେଣ୍ଟ ଜାରି କରିଥିଲେ। ତୋଷଖାନା କ୍ୟାବିନେଟର ଏକ ବିଭାଗ । ଯେଉଁଠାରେ ଅନ୍ୟ ଦେଶର ସରକାର, ଓ ବିଦେଶୀ ଅତିଥିଙ୍କ ଦ୍ୱାରା ଦିଆଯାଉଥିବା ପୁରସ୍କାରକୁ ରଖାଯାଇଥାଏ । ନିୟମ ମୁତାବକ କୌଣସି ଅନ୍ୟଦେଶ କିମ୍ବା ପ୍ରମୁଖଙ୍କ ଦ୍ୱାରା ମିଳିଥିବା ପୁରସ୍କାର ତୋଷଖାନାରେ ରଖାଯିବା ଜରୁରୀ ।

## ମହିଳା ଦିବସ ସପ୍ତାହ ସମାରୋହ: ଅଫିସରଙ୍କୁ କୋଳେଇଲେ, ନେତ୍ରୀମାନଙ୍କୁ ଦୂରେଇଲେ

ଭୁବନେଶ୍ୱର,୬।୩(ପି.ଏନ): ଆସନ୍ତା ମାର୍ଚ୍ଚ ୮ରେ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ ସପ୍ତାହବ୍ୟାପୀ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଛନ୍ତି । ରାଜ୍ୟରେ ମହିଳା ସଶକ୍ତିକରଣ ଅଭିଯାନରେ ୭୦ଲକ୍ଷରୁ ଅଧିକ ମହିଳା ସାମିଲ ହୋଇଥିବାର ବାହାବା ନେଉଥିବା ଶାସକ ବିଜେଡି ନିଜର ନିର୍ବାଚନୀ ଏଜେଣ୍ଡାରେ ମହିଳାଙ୍କୁ ବିଧାନସଭା ଓ ସଂସଦରେ ୩୩ ପ୍ରତିଶତ ସଂରକ୍ଷଣ ଦେବା ପ୍ରସଙ୍ଗରେ ଲଢ଼େଇ ଜାରି ରଖିଥିବା କହୁଛି । ମହିଳାମାନେ ରାଜନୀତିକୁ ଆସି ନେତୃତ୍ୱ ନିଅନ୍ତୁ ବୋଲି ଦମ୍ଭୋକ୍ତି ଦେଖାଉଛି । କିନ୍ତୁ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ରାଜ୍ୟସ୍ତରୀୟ ସରକାରୀ କାର୍ଯ୍ୟକ୍ରମରେ ମହିଳାଙ୍କ ସହ ଜଡିତ ବିଭିନ୍ନ ପଦପଦବୀର ନେତୃତ୍ୱ ନେଉଥିବା ନେତ୍ରୀମାନଙ୍କୁ ଅଣଦେଖା କରିବାକୁ ବିଜେଡି ସରକାର ପଛାଇ ନାହିଁ ।ଆନ୍ତର୍ଜାତିକ ମହିଳା ଦିବସରେ ନିଜର ଦଳୀୟ ନେତ୍ରୀମାନଙ୍କୁ ଅଣଦେଖା ଓ ଅପମାନିତ କରି ସରକାରୀ ଅଫିସରମାନଙ୍କୁ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନେଇ ରାଜ୍ୟସ୍ତରୀୟ ସମାରୋହ ପାଳନ କରିଛି । ଯାହାକି ବିଜେଡିର ଦୋମୁହାଁ ନୀତିକୁ ପଦାରେ ପକାଇଛି । ନିଜ ସରକାରରେ ବିଭିନ୍ନ ସରକାରୀ ପଦପଦବୀରେ ଥିବା ନିଜ ଦଳର ନେତ୍ରୀମାନଙ୍କୁ ଅଣଦେଖା କରୁଥିବା ବିଜେଡି ଏବେ ସରକାରୀ ଅଫିସରଙ୍କୁ କୋଳେଇ ବସିଛି । ଆଉ ଗଣମାଧ୍ୟମ ଓ ସଭାସମିତିରେ ମହିଳା ସଶକ୍ତିକରଣର ଲମ୍ବାଚଉଡା ଭାଷଣ ଦେବାକୁ ବିଜେଡି ନେତା-ମନ୍ତ୍ରୀ ପଛାଉ ନଥିବା ଜଣାପଡିଛି ।

## ଡାକ୍ତର ଦମ୍ପତିଙ୍କ ନାବାଳିକା ଝିଅକୁ ହୁକା ବାର ଡେଟ୍ ପରେ ଦୁଷ୍କର୍ମ ଓ ଭୟଙ୍କର ନିର୍ଯାତନା

ଭୁବନେଶ୍ୱର,୬।୩(ପି.ଏନ): ହୁକା ବାରରେ ଜଣେ ନାବାଳିକାଙ୍କୁ ଥଣ୍ଡାପାନୀୟରେ ନିଶା ମିଶାଇ ଦୁଷ୍କର୍ମ କରାଯାଇଛି। ଦୁଷ୍କର୍ମ ସହ ତାଙ୍କୁ ବ୍ଲାକମେଲିଂ କରାଯାଇଛି। ଖାଲି ସେତିକି ନୁହେଁ, ତାଙ୍କୁ ଭୟଙ୍କର ନିର୍ଯାତନା ମଧ୍ୟ ଦିଆଯାଇଛି। ଏପରି ନିର୍ଯାତନା ଓ ଦୁଷ୍କର୍ମର ଶିକାର ହୋଇଥିବା ନାବାଳିକା ଜଣଙ୍କ ଉତ୍ତର ପ୍ରଦେଶର ଜଣେ ଡାକ୍ତର ଦମ୍ପତିଙ୍କ ଝିଅ। ତାଙ୍କ ସହ ଇନଷ୍ଟାଗ୍ରାମରେ ବନ୍ଧୁତା କରି ପ୍ରେମ ଜାଲରେ ଫସାଇଥିବା ଯୁବକଙ୍କୁ ମଧ୍ୟ କାନପୁରରୁ ପୁଲିସ୍ ? ଗିରଫ କରିଛି।ପୀଡିତାଙ୍କ ବାପା ହିଁ ପ୍ରଥମେ କାନପୁରର ବିନୟ ଠାକୁର ଓ ଅନ୍ୟ ୭ ଜଣଙ୍କ ବିରୋଧରେ ଅଭିଯୋଗ କରିଥିଲେ। ବିନୟ ଠାକୁର ଫୋନ କରି ନାବାଳିକାଙ୍କୁ ମାର୍ଚ୍ଚ ୪ରେ କରାହି ଠାରେ ଥିବା ଏମଜି କାଫେକୁ ଡାକିଥିଲା। ସେଠାରେ ଉଭୟ ହୁକା ଟାଣିଥିଲେ। ଏହି ସମୟରେ ବିନୟ ବେଶ ଚତୁରତାର ସହ ନାବାଳିକାଙ୍କ ପାନୀୟରେ ନିଶା ମିଶାଇ ଦେଇଥିଲା। ଏହାପରେ ସେଠାରୁ ତାଙ୍କୁ ନେଇ ଦୁଷ୍କର୍ମ କରିଥିଲା। ଦୁଷ୍କର୍ମ କରିବା ପରେ ତାଙ୍କୁ ଆଉ ଗୋଟିଏ ସ୍ଥାନକୁ ନେଇ ଯାଇଥିଲା। ସେଠାରେ ଆଉ ୭ ଜଣ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିବାକୁ ଚେଷ୍ଟା କରିଥିଲେ ବୋଲି ଅଭିଯୋଗ ହୋଇଛି।ଦୁଷ୍କର୍ମକୁ ନାବାଳିକା ଜଣଙ୍କ ବିରୋଧ କରିବା ବେଳେ ତାଙ୍କୁ ଅଭିଯୁକ୍ତମାନେ ପ୍ରବଳ ମାଡ ମାରିଥିଲେ। ମାଡ ମାରିବାର ଦାଗ ପୀଡିତାଙ୍କ ପୂରା ଶରୀରରେ ମଧ୍ୟ ରହିଛି। ତେବେ କୌଶଳକ୍ରମେ ସେମାନଙ୍କୁ କବଳରୁ ପୀଡତା ଜଣଙ୍କ ଖସି ଆସିଥିଲେ ଓ ଏହାପରେ ପୂରା ଘଟଣା ପରିବାର ଲୋକଙ୍କୁ କହିଥିଲେ। ଝିଅଠାରୁ ସବୁ କଥା ଶୁଣିବା ପରେ ତାଙ୍କ ବାପା ପୁଲିସ୍ ?ରେ ଅଭିଯୋଗ କରିଥିଲେ। ପୁଲିସ ଏବେ ବିନୟ ଠାକୁରକୁ ଗିରଫ କରି ଘଟଣାର ଅଧିକ ତଦନ୍ତ କରୁଛି।


ଓଡ଼ିଶା ସରକାର

### ମୁଖ୍ୟମନ୍ତ୍ରୀଙ୍କ ହୋଲି ଶୁଭେଚ୍ଛା



ରଙ୍ଗ ଓ ଆନନ୍ଦର ପର୍ବ ହୋଲି ଅବସରରେ ଓଡ଼ିଶାବାସୀ ପ୍ରିୟ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି । ହୋଲି ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ । ସାମାଜିକ ସଦ୍‌ଭାବ ଆହୁରି ସୁଦୃଢ ହେଉ, ମହାପ୍ରଭୁଙ୍କ ନିକଟରେ ଏତିକି ପ୍ରାର୍ଥନା ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-94
15001/13/0265/2223





### ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆନନ୍ଦ, ହର୍ଷ ଓ ଉଲ୍ଲାସର ପର୍ବ ପବିତ୍ର ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ପର୍ବ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ସମସ୍ତ ଓଡ଼ିଆଙ୍କର ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ, ଏତିକି କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

DADLS-94
15001/13/0265/2223





### ବାର୍ତ୍ତା

ପବିତ୍ର ହୋଲି ଉପଲକ୍ଷେ ବଡ଼ଚଣା-ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା-ଧର୍ମଶାଳା, ଯାଜପୁର, ଓଡ଼ିଶା


### ଅଭିନନ୍ଦନ

ପବିତ୍ର ଦୋଳ ଓ ହୋଲି ଉପଲକ୍ଷେ ଆମର ଅଗଣିତ ପାଠକ – ପାଠିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ 'ପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ। – ସମ୍ପାଦକ

### ଛୁଟି ଘୋଷଣା

ପବିତ୍ର ଦୋଳ ଓ ହୋଲି ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ମାର୍ଚ୍ଚ ୭ ଓ ୮ ତାରିଖ ପର୍ଯ୍ୟନ୍ତ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୦ ତାରିଖରେ ପ୍ରକାଶ ପାଇବ ।

–ପ୍ରକାଶକ


ଓଡ଼ିଶା ସରକାର



### ହୋଲି ପର୍ବ ଅବସରରେ ବାର୍ତ୍ତା

ରଙ୍ଗ ଓ ଆନନ୍ଦର ଉତ୍ସବ ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

DADLS-94
15001/13/0265/2223






# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

# ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ମାର୍ଚ୍ଚ ୦୭

# ଜନାଦେଶ


ସୌଭାଗ୍ୟ ରଂଜନ ମହାନ୍ତି(ରାଜାଣ୍ଡ

ତିନୋଟି ଉତ୍ତର-ପୂର୍ବାଂଚଳ ରାଜ୍ୟ ତ୍ରିପୁରା, ନାଗାଲାଣ୍ଡ ଏବଂ ମେଘାଳୟ ବିଧାନସଭା ନିର୍ବାଚନରେ ବିଜେପି ପୁନର୍ବାର କ୍ଷମତା ଦଖଲ କରିବା ଦଳର ନେତା ଓ କର୍ମୀଙ୍କ ପାଇଁ ଉତ୍ସାହ ଆଣି ଦେଇଛି । ଏଥିରେ ସନ୍ଦେହ ନାହିଁ। ମାତ୍ର ୫ଟି ରାଜ୍ୟର ୬ଟି ବିଧାନସଭା ଆସନରେ ଉପ-ନିର୍ବାଚନ ଫଳାଫଳ ବିଜେପି ପାଇଁ ନିରୁତ୍ସାହଜନକ ଏବଂ ଏକ ସତର୍କ ଘଂଟି ସଦୃଶ ହୋଇଛି । ବୋଧହୁଏ ଏଥିରେ କେହି ଦ୍ୱିମତ ହେବେ ନାହିଁ । କିନ୍ତୁ ଏହା ନିଶ୍ଚିତ ଯେ, ତିନି ଉତ୍ତରା-ପୂର୍ବାଂଚଳ ରାଜ୍ୟରେ ଆଂଚଳିକ ଦଳ ଗୁଡିକର ପ୍ରଭାବକୁ ଅସ୍ୱୀକାର କରାଯାଇପାରିବ ନାହିଁ । କହିବା ବାହୁଲ୍ୟ ଯେ, ଏହି ତିନି ରାଜ୍ୟରେ ସରକାରୀ ବିରୋଧି ହାୱାରୁ ଫାଇଦା ଉଠାଇବାକୁ କଂଗ୍ରେସ ପୁଣି ଥରେ ଅସମର୍ଥ ହୋଇଛି । ତ୍ରିପୁରା, ମେଘାଳୟ ଏବଂ ନାଗାଲାଣ୍ଡରେ ବିଜେପି ନେତୃତ୍ୱାଧୀନ ଏନଡିଏ କ୍ରମାଗତ ଦ୍ୱିତୀୟ ଥର ପାଇଁ କ୍ଷମତାସୀନ ହୋଇଛି ସତ, କିନ୍ତୁ ବିଜେପି ଯେ, କଡା ମୁକାବିଲାର ସମ୍ମୁଖୀନ ହୋଇଛି । ଏହାକୁ ଅସ୍ୱୀକାର କରାଯାଇନପାରେ । ତ୍ରିପୁରାରେ ବିଜେପି ଏବଂ ଏହାର ସହଯୋଗୀ ଇଣ୍ଡିଜେନସ୍ ପିପୁଲସ୍ ଫ୍ରଂଟ ତ୍ରିପୁରା(ଆଇପିଏଫଟି) ୬୦ଜଣିଆ ସଦସ୍ୟ ବିଶିଷ୍ଟ ବିଧାନସଭାରେ ୩୩ଟି ଆସନ ଅକ୍ତିଆର କରିଛି । ଯାହାକି ଗତ ୨୦୧୮ ନିର୍ବାଚନ ତୁଳନାରେ ୯ଟି ଆସନ କମ ଥିବାବେଳେ ମ୍ୟାଜିକ ଅଙ୍କଠାରୁ ମାତ୍ର ୨ଟି ଆସନ ଅଧିକ । ସହଯୋଗୀ ଆଇପିଏଫଟି ଗତ ୨୦୧୮ ନିର୍ବାଚନ ୮ଟି ଆସନ ଅକ୍ତିଆର କରିଥିବାବେଳେ ଏଥର ଆସନ ସଂଖ୍ୟା ମାତ୍ର ୧କୁ ଖସି ଆସିଛି । କେବଳ ଏତିକି ନୁହେଁ, ବିଜେପି ମେଂଟ, ଆଦିବାସୀ ଭୋଟ ଆଶାତୀତ ଭାବେ ହରାଇଛି । ନବ ଗଠିତ ଏବଂ ପ୍ରଥମ ଥର ପାଇଁ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବା ଟିପ୍ରା ମୋଥା ଦଳ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ନିଜର ପ୍ରଭାବ ଜାହିର କରି ୧୩ଟି ଆସନରେ ବିଜୟୀ ହୋଇଛି । ଟିପ୍ରା ମୋଥା ବିଧାନସଭା ମୁଖ୍ୟ ବିରୋଧି ଦଳର ମାନ୍ୟତା ପ୍ରାପ୍ତ ହେବା ପଥ ପରିଷ୍କାର ରହିଛି । ସେହିପରି ବାମପନ୍ଥୀ କଂଗ୍ରେସ ମେଂଟ ୧୪ଟି ଆସନ ହାସଲ କରିଛି । ବାମପନ୍ଥୀ ଆସନ ସଂଖ୍ୟା ଗତ ନିର୍ବାଚନ ତୁଳନାରେ ୧୬ରୁ ୧୧ କୁ ଖସି ଆସିଥିବା ସମୟରେ କଂଗ୍ରେସ ବିଧାନସଭାରେ ନିଜର ଉପସ୍ଥିତି ଜାହିର କରିବାକୁ ସମର୍ଥ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ୨୦୧୮ ନିର୍ବାଚନରେ କଂଗ୍ରେସ ଖାତା ଖୋଲିବାକୁ ସମର୍ଥ ହୋଇନଥିଲେ । ବିଜେପିର ତ୍ରିପୁରା ବିଜୟ ପଛରେ ରାଜ୍ୟର ଗରିବ, ଅସହାୟ ପରିବାରକୁ ମାସିକ ୨୦୦୦ଟଙ୍କା ଭତା, ୧.୬ ଲକ୍ଷ ଗରିବ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଗାଣ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ମନେହୁଏ । ସେହିପରି ବାମପନ୍ଥୀ ଓ କଂଗ୍ରେସ ସହ ତ୍ରିପା-ମୋଥାର ମେଂଟ ହୋଇ ନପାରିବା, ବିଜେପି ପାଇଁ ଆର୍ଶୀବାଦ ହୋଇଛି । ବିରୋଧି ଭୋଟ ବିଭାଜନରୁ ବିଜେପି ଫାଇଦା ଉଠାଇ ପାରିଛି ବୋଲି କହିଲେ ଭୁଲ ହେବ ନାହିଁ । ନାଗାଲାଣ୍ଡରେ ନ୍ୟାଶନାଲିଷ୍ଟ ଡେମୋକ୍ରାଟିକ୍ ପ୍ରୋଗେସିଭ୍ ପାର୍ଟି(ଏନଡିପିପି) ବିଜେପି ମେଂଟ ପୁନର୍ବାର କ୍ଷମତା ଦଖଲ କରିଛି । ଏନଡିପିପିର ଆସନ ସଂଖ୍ୟା ୧୮ରୁ ୨୫କୁ ବୃଦ୍ଧି ପାଇଥିବାବେଳେ ବିଜେପି ୧୨ରେ ପୂର୍ବପରି ସୀମିତ ରହିଛି । ତେବେ ଏନପିଏଫର ଆସନ ସଂଖ୍ୟା ୨୬ରୁ ୨କୁ ଖସି ଆସିଥିବାବେଳେ କଂଗ୍ରେସ ଖାତା ଖୋଲିପାରିନାହିଁ । ୬୦ ଆସନ ବିଶିଷ୍ଟ ନାଗାଲାଣ୍ଡ ବିଧାନସଭାରେ ଅବଶିଷ୍ଟ ଆସନଗୁଡିକ ବିଜେପି ସହଯୋଗୀ ଦଳମାନଙ୍କ ସପକ୍ଷରେ ଯାଇଥିବାବେଳେ ରାଜ୍ୟ ବିରୋଧି ଦଳ ଶୂନ୍ୟ ହୋଇପଡିଛି । ମେଘାଳୟରେ କୌଣସି ଦଳକୁ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ମିଳିନଥିବାବେଳେ ଏନପିପ ୨୬ଟି ଆସନରେ ବିଜୟୀ ହୋଇ ଏକକ ବୃହତ ଦଳ ଭାବେ ଉଭାହୋଇଛି । ବିଜେପିକୁ ମାତ୍ର ୨ଟି ଆସନ ମିଳିଥିବା ବେଳେ ୟୁଡିପି ୧୧ଟି କଂଗ୍ରେସ ଓ ତୃଣମୂଳ କଂଗ୍ରେସ ୫ଟି ଲେଖାଏଁ ଆସନରେ ବିଜୟ ହୋଇଛନ୍ତି । ତେବେ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏନପିପି ବିଜେପି ଓ ଅନ୍ୟ ଦଳମାନଙ୍କ ସହ ମିଶି ମିଳିତ ସରକାର ଗଠନ କରିବାକୁ ଯାଉଛି । ଉଲ୍ଲେଖଯୋଗ୍ୟ ବିଜେପି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମେଘାଳୟରେ ବହୁ ନିର୍ବାଚନ ସଭାରେ ଭୋଟ ଭିକ୍ଷା କରିଥିଲେ ମଧ୍ୟ ଭୋଟଦାତାଙ୍କୁ ପ୍ରଭାବିତ କରିପାରିନାହାଁନ୍ତି । ଏଥିରୁ ଉତ୍ତର-ପୂର୍ବାଂଚଳ ରାଜ୍ୟରେ ବିଜେପି କଡା ମୁକାବିଲାର ସମ୍ମୁଖୀନ ହୋଇଥିବା କହିଲେ ଅତ୍ୟୁକ୍ତି ହୋଇନପାରେ । ଅନ୍ୟପକ୍ଷରେ ପାଂଚଟି ରାଜ୍ୟର ୬ଟି ବିଧାନସଭା ଆସନ ଉପ-ନିର୍ବାଚନରେ ବିଜେପି ୩ଟି ଆସନରେ ବିଜୟୀ ହୋଇଛି । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଦୀର୍ଘ ୨୮ବର୍ଷ ଧରି ବିଜେପିର ଦୁର୍ଗ ଭାବେ ରହିଥିବା ମହାରାଷ୍ଟ୍ର କସବା ଆସନରେ ଶିବସେନ ଉଦ୍ଧବ ଠାକରେ ଗୋଷ୍ଠୀର ସମର୍ଥନରେ କଂଗ୍ରେସ ବିଜୟୀ ହୋଇଛି । ସେହିପରି ପଶ୍ଚିମବଙ୍ଗର ସାଗରିକ ଆସନରେ ବିଜେପିକୁ ତୃତୀୟ ସ୍ଥାନକୁ ଠେଲି କଂଗ୍ରେସ ବିଜୟୀ ହୋଇଛି । ଗତ ବିଧାନସଭା ନିର୍ବାଚନରେ ଖାତା ଖୋଲି ପାରିନଥିବା କଂଗ୍ରେସର ଏକମାତ୍ର ସଦସ୍ୟ ଭାବେ ବିଧାନସଭାରେ ପ୍ରବେଶ କରିଛନ୍ତି । ତାମିଲନାଡୁର ଇରୋଡ ଇଷ୍ଟ ଆସନରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ଉପ-ନିର୍ବାଚନରେ କଂଗ୍ରେସର ବିଜୟ ରାହୁଲଙ୍କ ଭାରତଯୋଡୋ ଯାତ୍ରାର ପ୍ରଭାବ ବୋଲି କୁହାଯାଇପାରେ । ତେବେ ସେ ଯାହା ହେଉନା କାହିଁକି ବିଜେପି ପାଇଁ ଯେ, ଫଳାଫଳ ସତର୍କଘଂଟି, ଏହା କହିଲେ ଅଯଥାର୍ଥ ହୋଇନପାରେ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ, ୭୫୧୦୦୨*
*ମୋବାଇଲ ନଂ-୯୪୩୭୯୯୪୩୭୯*

# ବିବାହ ବନ୍ଧନ ଓ ଜୀବନର ପୂର୍ଣ୍ଣତା

**କୃଷ୍ଣପ୍ରିୟା ତ୍ରିପାଠୀ**

ପରିବାର ମୂଳଦୁଆ ଭାବେ ପତି-ପତ୍ନୀଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃଆରୀ ମାସର ଦ୍ୱିତୀୟ ରବିବାର ପାଳନ କରାଯାଏ ବିଶ୍ୱ ବିବାହ ଦିବସ । ଏ ଦୁହେଁ ସମାଜର ମୂଳ ଅଙ୍ଗ । ସେମାନଙ୍କ ବିଶ୍ୱସନୀୟତା, ତ୍ୟାଗ ଓ ଦୈନନ୍ଦିନ ବୈବାହିକ ଜୀବନରେ ଖୁସିକୁ ଏହି ଦିବସ ସମ୍ମାଜ ଜଣାଏ । ଶାସ୍ତ୍ର କହେ, ନାରୀ ଓ ପୁରୁଷ ପୃଥକ ଭାବେ ଅସଂପୂର୍ଣ୍ଣ ମାତ୍ର ସଂଯୁକ୍ତ ଭାବେ ସଂପୂର୍ଣ୍ଣ । ତେଣୁ ଜୀବନର ପୂର୍ଣ୍ଣତା ଲାଗି ଉଭୟଙ୍କ ମଧ୍ୟରେ ବନ୍ଧନ ଆବଶ୍ୟକ । ସେହି ପବିତ୍ର ବନ୍ଧନ ବିବାହ ନାମରେ ପରିଚିତ । ପାଶ୍ଚାତ୍ୟ ଚଳଣିରେ ବିବାହର ଅର୍ଥ ଦାମ୍ପତ୍ୟ ବୁଝାମଣା । ମାତ୍ର ଭାରତୀୟ ସଂସ୍କୃତି କହେ, ବିବାହ ଏକ ଧାର୍ମିକ ବିଧାନ । ହିନ୍ଦୁ ବିବାହ ଶାସ୍ତ୍ର (ମନୁସ୍ମୃତିଶ୍ଚରେ ବ୍ରାହ୍ମ, ଦୈବ, ଆର୍ଷ, ପ୍ରଜାପତ୍ୟ, ଆସୁର, ଗାନ୍ଧର୍ବ, ରାକ୍ଷସ ଓ ପୈଶାଚ ଆଦି ୮ ପ୍ରକାର ବିବାହ ବିଷୟରେ ଉଲ୍ଲେଖ ଅଛି । ତନ୍ମଧ୍ୟରୁ ପ୍ରଜାପତ୍ୟ ବିବାହକୁ ଶ୍ରେଷ୍ଠତ୍ୱ ପ୍ରଦାନ କରାଯାଇଛି । ବୈଦିକମନ୍ତ୍ର ଉଚ୍ଚାରଣରେ ବିବାହ ବେଦୀରେ ବିବାହ କାର୍ଯ୍ୟ ସମ୍ପାଦିତ ହୋଇଥାଏ । ଏବେ କିନ୍ତୁ ମାଟ୍ରିମୋନିଆଲ୍ ଓ ୱେବ୍‌ସାଇଟ ଯୋଗେ ଚୟନ ହେଉଛନ୍ତି ବର-କନ୍ୟା । ଜାତକ ମେଳକର ଆବଶ୍ୟକ ପଡୁନି । ଜାତି, ଗୋତ୍ର, ବଂଶ ପରିଚୟ କିଛି ଖୋଜାଯାଉନି । ଏହି କାରଣରୁ ବଂଶଧାରାର ନିର୍ମଳତା ନଷ୍ଟ ହେଉଛି । ପାରିବାରିକ ଅସହିଷ୍ଣୁତା ବୃଦ୍ଧି ପାଉଛି । କଥା କଥାରେ ବିବାହ ବିଚ୍ଛେଦ । ଆଧୁନିକ ସମାଜରେ ଏହା ଯେମିତି ଏକ ମହାମାରୀର ରୂପ ନେଇଛି । ବିଭିନ୍ନ ସ୍ତର ଦେଇ ବିବାହ ଏବେ ଲିଭ୍ ଇନ୍ ରିଲେସନସିପ୍‌ରେ ପହଞ୍ଚିଲାଣି । ଏହି ତଥାକଥିତ ପାଶ୍ଚାତ୍ୟ ସଂସ୍କୃତି ବିବାହ ବ୍ୟବସ୍ଥାକୁ ବିଭସ୍ତ ଓ ଦୁଃଖଦାୟକ କରିଦେଇଛି ଯାହାକି ପରବର୍ତ୍ତୀ ସମୟରେ ଜଣାପଡ଼ିଥାଏ କିନ୍ତୁ ସେତେବେଳକୁ ନେଡି ଗୁଡ଼ କହୁଣୀକୁ ବୋହିଯାଇଥାଏ । ବିବାହ ଏକ ସାମାଜିକ ଓ ବ୍ୟକ୍ତିଗତ ଜୀବନର ଶ୍ରେଷ୍ଠତମ ଓ ଅନନ୍ୟ ଉପଲବ୍ଧି । ପରିବାର ଓ ସଂସାରର ମୂଳଦୁଆ ଠାରୁ ଏହା ସମାଜକୁ ଦିଗଦର୍ଶନ ଦେଇଥାଏ । ଏକ ସଂସ୍କାରିତ ଓ ଦିବ୍ୟ ତଥା ଭାରତର ପ୍ରାଚୀନ ସଂସ୍କୃତି ପଦ୍ଧତିକୁ ଆଦର୍ଶ ରଖିଥିବା ବିବାହ ପଦ୍ଧତି ନିଶ୍ଚିନ୍ତ ଭାବରେ ସ୍ମରଣୀୟ ହୋଇଥାଏ । ଏସବୁ ଉକ୍ରଟ ସମସ୍ୟାରୁ ମୁକୁଳିବା ପାଇଁ ଆଜି ବିଶ୍ୱ ବିବାହ ଦିବସରେ ଆଦର୍ଶ ବିବାହକୁ ଆପଣେଇବାର ଆହ୍ୱାନ କୋଣ ଅନୁକୋଣରେ ପହଞ୍ଚିବା ଉଚିତ ।

*କିରଣ ପାରିଜାତ ଏନକ୍ଲେଭ,*
*କ୍ୟାଣ୍ଟେନମେଣ୍ଟ ରୋଡ଼, କଟକ*

# ଦୋଳପର୍ବର ଐତିହାସିକ ପୃଷ୍ଠଭୂମି


ଉମାଶଙ୍କର ପ୍ରସାଦ

ହିନ୍ଦୁ ସଂସ୍କୃତି ବିବିଧ ପର୍ବ-ପର୍ବାଣି, ମେଳା, ମହୋତ୍ସବ, ଯାତ୍ରା, ପୂଜାପାଠ, ହୋମଯଜ୍ଞାଦି ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ ପରିପୁଷ୍ଟ ଓ ବିକଶିତ ଅଟେ । ସମାଜ ଜୀବନରେ ଏହାସବୁ ଅଂଶ ସ୍ୱରୂପ ଅଟେ । ଏହାଦ୍ୱାରା ଆମେ ସମାଜକୁ, ପରିବାରକୁ ଓ ଗ୍ରାମ୍ୟ ବ୍ୟବସ୍ଥାକୁ ଜାଣୁ, ଏଣୁ ଏଥି ସହିତ ନିଜର ସମ୍ବନ୍ଧକୁ ଯୋଡ଼ିଥାଉ । ସମାଜକୁ ଏକ ସୂତ୍ରରେ ବାନ୍ଧି ଏକ ମନ ଏକ ବିଚାରଏବଂ ଗୋଟିଏ ସ୍ଥାନ ପ୍ରତି ନିଷ୍ଠାବାନ ହୋଇ ସଶ୍ରଦ୍ଧରେ ବାନ୍ଧି ହୋଇ ରହିବା ପାଇଁ ମେଳା ମହୋତ୍ସବର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ପର୍ବ-ପର୍ବାଣି ମାନବ ସଂସ୍କୃତି ଅଟେ । ସଂସ୍କୃତି ହିଁ ସମାଜର ଆତ୍ମା ଅଟେ ।

ଋଷିମାନେ ପୂର୍ବକାଳରେ ଯେପରି ଆଚରଣ କରୁଥିଲେ, ତୁମର ଆଚରଣ ସେପରି ହେଉ । ଏହିପରି ବିଚାର ଓ ଆଚରଣ ଦ୍ୱାରା ସମାଜ ବ୍ୟବସ୍ଥିତ ଶୃଙ୍ଖଳିତ ଅନୁଶାସନବଦ୍ଧ ହୋଇ ସମସ୍ତଙ୍କର କର୍ତ୍ତବ୍ୟଜ୍ଞାନ ଉଦିତ ହୋଇଥାଏ । ନିଜର କର୍ତ୍ତବ୍ୟ କ'ଣ ତାକୁ ଜାଣିଲେ ଏବଂ ତଦନୁରୂପ ଆଚରଣ କଲେ ନିଜର ପରିବାରର, ଗ୍ରାମର ତଥା ରାଷ୍ଟ୍ରର କଲ୍ୟାଣ ସାଧିତ ହୋଇଥାଏ । ରାଷ୍ଟ୍ର ବଳିଷ୍ଠ ହୋଇ ଆମ୍ଭମାନଙ୍କୁ ସୁଖଶାନ୍ତି ପ୍ରଦାନ କରିବାକୁ ସମର୍ଥ ହୋଇଥାଏ । ଏଣୁ ସମାଜରୁ ଦୁଃଖ ଦାରିଦ୍ର୍ୟ ଓ ଅଶିକ୍ଷା କୁସଂସ୍କାର ଆଦିକୁ ଦୂରକରାଇ ଏକ ଉନ୍ନତ ପରିବେଶ ଉତ୍ପାଦନ କ୍ଷମ, ଧର୍ମ ଆଚରଣଯୁକ୍ତ ହୋଇ ରାଷ୍ଟ୍ର ନିର୍ମାଣ ହୁଏ । ରାଷ୍ଟ୍ରର କଲ୍ୟାଣ ସାଧନ ପାଇଁ ଯାନିଯାତ୍ରାର ଉଦ୍‌ଭବ । ସଂସ୍କୃତି ପ୍ରତି ପ୍ରଗାଢ଼ ନିଷ୍ଠା ନିର୍ମାଣ କରିବା ଲକ୍ଷ୍ୟ ନେଇ ସାଧୁସନ୍ଥମାନେ ସମାଜ ଜୀବନରେ ପର୍ବପର୍ବାଣିକୁ ପ୍ରମୁଖ ସ୍ଥାନ ଦେଇଛନ୍ତି । ଏଣୁ ଏହା କରଣୀୟ ଓ ପାଳନୀୟ ଅଟେ । ତେଣୁ ଋଗ୍‌ବେଦରେ କୁହାଯାଇଛି –

"ସଂ ଗଚ୍ଛଧ୍ୱଂ ସଂବଦଧ୍ୱଂ ସଂବୋ ମନାଂସି ଦେବାଭାଗଂ ଯଥାପୂର୍ବ ସଂଜାନାନ ଉପାସତେ" ।

ଦୋଳ ଉତ୍ସବ ଏକ ଐତିହାସିକ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅଟେ । କୋଟି କୋଟି ବର୍ଷର ପୂରାତନ ସଭ୍ୟତା ସଂସ୍କୃତିକୁ ଧରି ହିନ୍ଦୁ ଜାତି ଅଗ୍ରସର ହେଉଅଛି । ପୃଥିବୀ ପୃଷ୍ଠରୁ ଅନେକ ଧର୍ମସଂସ୍କୃତି ଐତିହାସିକ ଓ ଭୌଗୋଳିକ ସଂସର୍ଗରୁ ବିଲୟ ହୋଇଯାଇଥିଲେ ହେଁ ହିନ୍ଦୁ ସଂସ୍କୃତି ଏପରି ଦୃଢ଼ ଓ ଋଷିମୁନିମାନଙ୍କ ପରଂପରାକୁ ଆଧାର କରି ପ୍ରତିଷ୍ଠିତ ଓ ବିକଶିତ ଯେ ତାହାର ମୂଳ ଦୋହଲିବାର ନାହିଁ । ଏ ଦେଶକୁ ହୁନ୍, କୁଶାଣ, ମୋଗଲ, ମାଙ୍ଗୋଲିଅ, କିରାତ, ଜବନ, ପାର୍ସିଆନ୍ ଏବଂ ଇଂରେଜମାନେ ଆକ୍ରମଣ କରି ହଜାର ହଜାର ବର୍ଷ ରାଜସତାକୁ ଦଖଲ କରିନେଇଥିଲେ ହେଁ ଧର୍ମ ସଂସ୍କୃତିକୁ ନଷ୍ଟ କରିବାକୁ ସମର୍ଥ ହୋଇପାରି ନଥିଲେ । ଏଣୁ ଆଜି ବିଶ୍ୱରେ ସର୍ବପୁରାତନ ହିନ୍ଦୁ ସଂସ୍କୃତି ବଂଚି ରହିଛି ଓ ରହିବ ମଧ୍ୟ । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ରାବଣକୁ ବଦ୍ଧ କରି ସଂସ୍କୃତିକୁ ରକ୍ଷା କରିଥିଲେ । ତେଣୁ ସେ ଦିବସଟି ବିଜୟାଦଶମୀ ଅଟେ । ଏଥିପାଇଁ ଶ୍ରୀରାମଚନ୍ଦ୍ର ଛତିଶି ବର୍ଷ ସଂଗ୍ରାମ କରିଥିଲେ । ଏହି ଦିବସଟି ଏକ ସ୍ୱାଧୀନତା ଦିବସ ଅଟେ । ଯାହାକୁ ବିଜୟା ଦଶମୀ ରୂପେ ଆମେ ପାଳନ କରୁଛୁ । ସେହିପରି ଅନ୍ୟାୟ, ଅତ୍ୟାଚାର, ଅଧର୍ମକୁ ପ୍ରାଧାନ୍ୟ ଦେଇ ସ୍ୱେଚ୍ଛାଚାରୀ ଶାସକ କଂସ, ଜରାସନ୍ଧ, ଦୁର୍ଯ୍ୟୋଧନ ଆଦିଙ୍କୁ ବିନାଶ କରିବାକୁ ଭଗବାନ ଶ୍ରୀକୃଷ୍ଣଙ୍କର ପ୍ରଚେଷ୍ଟାରେ ପାଣ୍ଡବମାନେ ଦୀର୍ଘ ୪୨ ବର୍ଷ କାଳ ଧର୍ମକୁ ଆଧାର କରି ସଂଗ୍ରାମ ଚଳାଇ ବିଜୟଲାଭ କରି ଧର୍ମରାଜ୍ୟ ପ୍ରତିଷ୍ଠା କରିଥିଲେ । ଯୁଧିଷ୍ଠିରଙ୍କର ରାଜ୍ୟାଭିଷେକ ଉତ୍ସବ ଚୈତ୍ର ଶୁକ୍ଳପକ୍ଷ ପ୍ରତିପଦା କଳିଯୁଗାବ୍ଦ-୧ ଅଟେ । ତାହା ଆଜକୁ ଖ୍ରୀ.ପୂ.୩୧୦୧ ଅଟେ । ଯୁଧିଷ୍ଠିର ମହାରାଜଙ୍କ ଅଭିଷେକ ଠାରୁ କଳିଯୁଗାବ୍ଦ ଆରମ୍ଭ । ତାହା ଆଜକୁ ୫୧୦୪ ବର୍ଷ ଅଟେ । ଏହି ଦିବସଟି ସୃଷ୍ଟିର ଆଦ୍ୟ ଦିବସ ଏବଂ ଏହି ଦିନ ସୂର୍ଯ୍ୟାଲୋକ ପୃଥିବୀ ପୃଷ୍ଠରେ ପ୍ରଥମେ ପଡ଼ିଥିଲା । ଏବଂ ଏହି ଦିବସ ଠାରୁ ଭୁସ୍ତଷ୍ଟାବ୍ଦ ପାଞ୍ଜିମାନଙ୍କରେ ନିର୍ଭୁଲ ଭାବରେ ଗଣା ହୋଇ ଆସୁଛି । ତାହା ଆଜକୁ ୧୯୫ କୋଟି ୫୮ ଲକ୍ଷ ୬୫ ହଜାର ୧୦୪ ବର୍ଷ ଅଟେ । ବିକ୍ରମ ସମ୍ବତ୍‌ର ପ୍ରଚଳନ ଆଜକୁ ୨୦୫୯ ବର୍ଷ । ଇତିହାସରୁ ଜଣାଯାଏ ଯେ, ବିକ୍ରମ ବିଦେଶୀମାନଙ୍କୁ ନିଜ ପରାକ୍ରମ ଦ୍ୱାରା ଏ ଦେଶରୁ ବିତାଡ଼ିତ କରିଥିଲେ ଏବଂ ଏ ଦିବସଟି ଚୈତ୍ର ଶୁକ୍ଳ ପ୍ରତିପଦା ଦିବସ ଅଟେ, ଯାହା ବିକ୍ରମାଦିତ୍ୟଙ୍କର ଅଭିଷେକ ଦିବସ । ସେହିପରି ଶାଳୀବାହାନ ବିଦେଶୀମାନଙ୍କୁ ଏ ଦେଶରୁ ଦୂର କରିଥିଲେ । ଜଡ଼ ଓ ମୂକ ଭଳି ପଡ଼ିରହିଥିବା ହିନ୍ଦୁ ସମାଜକୁ ସେ ତାଙ୍କ ପରାକ୍ରମ ଓ ସଂଗଠନ ବଳରେ ଜାଗ୍ରତ କରି ବୌଦ୍ଧିକ ପରମ୍ପରା ମଠ ମନ୍ଦିରରେ ପୂଜା ଉପାସନା ଏବଂ ବିବିଧ ଧର୍ମ ଆଚରଣ ପ୍ରଚଳନ କରାଇଥିଲେ । ସମ୍ରାଟ ଶାଳୀବାହାନଙ୍କ ରାଜ୍ୟାଭିଷେକ ଦୋଳପୂର୍ଣ୍ଣିମା ଦିନ ଅନୁଷ୍ଠିତ ହୋଇଥିଲା ଏବଂ ସେ ସକାବ୍ଦ ପ୍ରଚଳନ କରିଥିଲେ । ଯାହା ଆଜକୁ ୧୯୨୫ ବର୍ଷର ଘଟଣା । ସେହି ଦିନ ଠାରୁ ଅଦ୍ୟାବଧି ଦୋଳ ଉତ୍ସବ ପାଳିତ ହୋଇ ଆସୁଅଛି । ବିଦେଶୀ ଆକ୍ରମଣକାରୀମାନେ ହିନ୍ଦୁମାନଙ୍କର ପୂଜା ଉପାସନା ବନ୍ଦ କରିଦେଇଥିଲେ । ମାତ୍ର ଶାଳୀବାହାନ ନିଜକୁ ସମ୍ରାଟ ରୂପେ ଅଭିଶିକ୍ତ କରାଇ ଧର୍ମ ଉପରୁ ସମସ୍ତ କଟକଣା ଉଠାଇ ଦେଇଥିଲେ । ହିନ୍ଦୁ ସମାଜ ଅତ୍ୟନ୍ତ ଆନନ୍ଦର ସହିତ ଉତ୍ସାହ ଉଦ୍ଦୀପନାରେ ମଠ ମନ୍ଦିର ମାନଙ୍କରୁ ଠାକୁରମାନଙ୍କୁ ବାହାରକୁ ବାହାର କରି ଉତ୍ସବ ପାଳନ କରିଥିଲେ ଏବଂ ଆନନ୍ଦ ଉଲ୍ଲାସରେ ହୋଲି ଖେଳିଥିଲେ । ଠାକୁରମାନଙ୍କୁ ବିମାନରେ ବସାଇ ଦ୍ୱାର ଦ୍ୱାର ବୁଲି ଚାଚେରୀ ଭୋଗ ଖାଇଥିଲେ । ଦୋଳ ପୂର୍ଣ୍ଣମୀ ଠାରୁ ୧୫ଦିନ ଯାଏଁ ବିଭିନ୍ନ ସ୍ଥାନରେ ଏହି ଉତ୍ସବ ସ୍ଥାନୀୟ ସୁବିଧାନୁଶାରେ ପାଳନ ହୋଇ ଆସୁଅଛି । ଏହା ଏକ ସ୍ୱାଧୀନତା ଦିବସ ଅଟେ । ଏହି ସ୍ୱାଧୀନତା ଦିବସକୁ ସଂସ୍କୃତି ସହିତ ଏପରି ଯୋଡ଼ି ଦିଆଯାଇଛି ଯେ,ଏହା ଏକ ଧାର୍ମିକ କାର୍ଯ୍ୟକ୍ରମ ରୂପେ ପାଳିତ ହୋଇ ଆସୁଅଛି । ଉତ୍କଳ ଭୂମିର ବୋଲଗଡ଼-ବେଗୁନିଆ-ଖୋର୍ଦ୍ଧା ଅଞ୍ଚଳରେ ପ୍ରତ୍ୟେକ ଗ୍ରାମ କୌଣସି ନା କୌଣସି ଯାତ୍ରାରେ ଠାକୁରମାନଙ୍କ ସହ ଗ୍ରାମବାସୀମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥାନ୍ତି । ସେହିପରି ଖଣ୍ଡପଡ଼ା, ନୟାଗଡ, ହରିରାଜପୁର ଓ ଆଳିକଣା ଅଂଚଳରେ ମଧ୍ୟ ଏହି ଦୋଳ ଉତ୍ସବ ପାଳିତ ହୋଇଥାଏ । ଏହି ଦୋଳଉତ୍ସବ ଏକ ସାର୍ବଜନିନ ସାଂସ୍କୃତିକ ମିଳନ ପୀଠ ଅଟେ । ଏହି ଉତ୍ସବ ଆମ୍ଭଙ୍କୁ ଏକତା, ସଂଗଠନ, ଧର୍ମରକ୍ଷା ଏବଂ ତ୍ୟାଗ, ତପସ୍ୟା, ଶିକ୍ଷା ଦେବା ସଂଗେ ସଂଗେ ଐତିହାସିକ ପରମ୍ପରାକୁ ସୁରକ୍ଷା ଦେବା ସହିତ ଧର୍ମଭାବନାକୁ ଜାଗ୍ରତ କରାଇଥାଏ । ଏହି ଉତ୍ସବ ସଂସ୍କୃତିର ପ୍ରାଣ ଅଟେ । ପ୍ରାଣ କହିଲେ ଜୀବ । ପ୍ରାଣ ରହିଲେ ଜୀବ ରହିବ । ସଂସ୍କୃତି ରହିଲେ ରାଷ୍ଟ୍ର ରହିବ । ପ୍ରାଣବିହୁନେ ଜୀବ ଶବରେ ପରିଣତ ହୁଏ । ସେହିପରି ସଂସ୍କୃତି ବିହୁନେ ରାଷ୍ଟ୍ର ନାଶ ହୋଇଯାଏ ଏଣୁ ଆସନ୍ତୁ ଆମ୍ଭେ ସମସ୍ତେ ମିଳିମିଶି ରାଷ୍ଟ୍ରକୁ ସମୃଦ୍ଧ ପଥରେ ଆଗେଇ ନେବା ପାଇଁ ଆମ ଧର୍ମ ଓ ସଂସ୍କୃତିକୁ ରକ୍ଷା କରିବା ।

*ସ୍ତମ୍ଭକାର, ମାର୍ଗଦର୍ଶୀ*
*ଖୋର୍ଦ୍ଧା, ମୋ ନଂ-୬୩୭୦୬୭୫୫୬୨*

# ଫଗୁ ଦଶମୀ ଓ ହୋଲି


ନିରୂପମା ଭୂୟାଁ

ଦୋଳଯାତ୍ରାର ପ୍ରଥମ ଦିନକୁ ଫଗୁ ଦଶମୀ କୁହାଯାଇଥାଏ । ଏହା ଫାଲଗୁନ୍ ମାସ ଶୁକ୍ଳପକ୍ଷ ଦଶମୀ ଦିନରେ ପାଳିତ ହୁଏ । ଚଳିତ ମାସ ୧ ତାରିଖରୁ ଏହି ଶୁଭ ଅବସର ଆରମ୍ଭ ହୋଇଛି । ଆମ ରାଜ୍ୟରେ ଏହି ଦିନ ଠାରୁ ୫ ଦିନିଆ ଦୋଳ ଉତ୍ସବ ଆରମ୍ଭ ହୋଇଥାଏ । ଦେବୀ ରାଧା ଓ ଭଗବାନ କୃଷ୍ଣଙ୍କ ମୂର୍ତ୍ତିକୁ ଆଣି ବିମାନରେ ବସାଯାଇଥାଏ । ବସନ୍ତ ଉତ୍ସବର ଅଂଶବିଶେଷ ସ୍ୱରୂପ ଏହି ଦିନ ଠାରୁ ପରମ୍ପରା ମୁତାବକ ଦୋଳ ମେଳଣ ଆରମ୍ଭ ହୋଇଥାଏ । ଦୁଇ ପ୍ରତିମାକୁ ରଙ୍ଗ ଓ ଅଭିର ବୋଳି ପୂଜା କରାଯାଇଥାଏ । ଏହି ଦିନ ଠାରୁ ରାଧାକୃଷ୍ଣ ମନ୍ଦିର ଗୁଡ଼ିକ ଚଳଚଞ୍ଚଳ ହୋଇଉଠେ । ଭଗବାନ ବିଷ୍ଣୁଙ୍କ ଅବତାର ସ୍ୱୟଂ ଜଗନ୍ନାଥଙ୍କ ଅନ୍ୟ ନାମ ହେଉଛି ଗୋବିନ୍ଦ । ଫଗୁ ଦଶମୀ ତିଥିରୁ ସାଧାରଣତଃ ଗୋବିନ୍ଦଙ୍କର ଯାତ୍ରା ଏବଂ ଗ୍ରାମ ପରିକ୍ରମା ଆରମ୍ଭ ହୋଇଥାଏ । ଫଗୁ ଦଶମୀ ପରଠାରୁ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଚାଚେରୀ ଲୀଳା ଆରମ୍ଭ ହୋଇଥାଏ । ଫଗୁ ଦଶମୀ ଦିନ ଦୋଳବିମାନରେ ମଦନମୋହନ ଓ ଲକ୍ଷ୍ମୀ, ସରସ୍ୱତୀ ଦୋଳବେଦୀକୁ ବିଜେ କରିଥାନ୍ତି । ଏମାନେ ପାଲିଙ୍କିରେ ବସି ପ୍ରତି ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ବଲ୍ଲଭଙ୍କ ଉଦ୍ୟାନକୁ ଚାଚେରୀ ଖେଳିବାକୁ ଯାଆନ୍ତି । ଶ୍ରୀମନ୍ଦିର ବେଢ଼ା ପରିକ୍ରମା କରି ଦୋଳବେଦୀରେ ପହଞ୍ଚିବା ପରେ ଫଗୁ ଲଗି ହୋଇଥାଏ । ସେଠାରେ ସୁବାସିତ ପୁଷ୍ପ ଓ ଲାଲ୍ ବେଶରେ ପୂଜାର୍ଚ୍ଚନା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ି ଆସନ୍ତି । ଦୋଳ ପୂର୍ଣ୍ଣମୀ ଦିନ ରାତିରେ ଠାକୁରମାନଙ୍କ ମହାମିଳନ ହୋଇଥାଏ ଏକ ପ୍ରସିଦ୍ଧ ସ୍ଥାନରେ । ତେବେ ପୂର୍ଣ୍ଣମାର ପୂର୍ବରୁ ଓ ପରେ ମଧ୍ୟ ଏହିଭଳି ମିଳନ ଉତ୍ସବ ପ୍ରାୟ ଲାଗି ରହିଥାଏ । ପ୍ରତିଦିନ ଭିନ୍ନ ଭିନ୍ନ ଗ୍ରାମରେ ଠାକୁରମାନଙ୍କୁ ମେଳଣ ପଡ଼ିଆକୁ ନିଆଯିବା ବେଳର ଦୃଶ୍ୟ ଅତି ଚମତ୍କାର ଓ ଚିତ୍ତାକର୍ଷକ । ପାଟପଟୁଆର, ରୋଷଣୀ, ନାଚତାମସା, ବାଦ୍ୟ ସଙ୍ଗୀତ ଓ ଖୋଲ କୀର୍ତ୍ତନ ସମେତ ଠାକୁରଙ୍କ ବିମାନଗୁଡ଼ିକର ସାଜସଜ୍ଜା ତଥା ପ୍ରକୃତ ଭକ୍ତମାନଙ୍କ ଭାବବିହ୍ୱଳିତ ନାସ୍ତିକମାନଙ୍କ ମନ ଭିତରେ ବି କିଛିଟା ଭଗବତ୍ ପ୍ରେମଭାବ ଉଦ୍ରେକ କରିବା ଲାଗି ସମର୍ଥ ହୋଇଥାଏ । ରାଜଦୋଳ ହେଉ ବା ପଞ୍ଚଦୋଳ ହେଉ, ପ୍ରଧାନ ମେଳଣଗୁଡ଼ିକ ଖୁବ୍ ଜାକଜମକରେ ଦୋଳ ପୂର୍ଣ୍ଣିମା ଦିନ ହିଁ ଅନୁଷ୍ଠିତ ହୋଇଥାଏ । ସାଧାରଣତଃ ଅନ୍ୟାନ୍ୟ ଦିନମାନଙ୍କରେ ଯଦିଓ ବିଭିନ୍ନ ସ୍ଥାନରେ ମେଳଣ ଯାତ୍ରା ଅନୁଷ୍ଠିତ ହୁଏ ସେଗୁଡ଼ିକ ସେଭଳି ଭାବରେ ଉତ୍ସବ ମୁଖର ହୋଇନଥାଏ । ସାଧାରଣତଃ ଏହି ଯାତ୍ରା ପାଞ୍ଚଦିନ ପାଇଁ ମହାସମାରୋହରେ ପାଳିତ ହୋଇ ରଜଦୋଳ ବା ପଞ୍ଚଦୋଳ ନାମରେ ନାମିତ ହୋଇଥାଏ । ରଙ୍ଗର ପର୍ବ ହୋଲି ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଭିନ୍ନ ଭିନ୍ନ ଭାବେ ପାଳିତ ହେଉଥିବାବେଳେ ଭାରତରେ ଏହି ପର୍ବ ସହ ପୌରାଣିକ କାରଣ ଯୋଡ଼ି ହୋଇ ରହିଛି । ଦାନବ ରାଜା ହିରଣ୍ୟକଶ୍ୟପର ପୁତ୍ର ପ୍ରହ୍ଲାଦ ବିଷ୍ଣୁ ଭକ୍ତ ଥିଲେ । ଏହା ସହି ପାରୁନଥିଲା ହିରଣ୍ୟକଶ୍ୟପ । ସେ ପ୍ରହ୍ଲାଦକୁ ହତ୍ୟା କରିବା ଲାଗି ଭୟଙ୍କର ଷଡ଼ଯନ୍ତ୍ର ରଚି ଚାଲିଥିଲେ ମଧ୍ୟ ସର୍ବଦା ବିଫଳ ହେଉଥିଲା । ହିରଣ୍ୟକଶ୍ୟପୁ ନିଜ ପୁତ୍ର ପ୍ରହ୍ଲାଦକୁ ନିଆଁରେ ପୋଡ଼ି ମାରି ଦେବାକୁ ଯୋଜନା କଲା । ହିରଣ୍ୟର ଭଉଣୀ ଥିଲା ହୋଲିକା । ସେ ନିଆଁରେ ପୋଡ଼ିବନି ବୋଲି ବରପ୍ରାପ୍ତି କରିଥିଲା । ଏଣୁ ଭାଇର ନିର୍ଦ୍ଦେଶରେ ପ୍ରହ୍ଲାଦଙ୍କୁ କୋଳରେ ଧରି ସେ ନିଆଁ ଗଦା ଭିତରେ ବସିଲା । ହେଲେ ଏଥିରେ ହୋଲିକା ଜଳିଗଲା, କିନ୍ତୁ ପ୍ରହ୍ଲାଦଙ୍କର କୌଣସି କ୍ଷତି ହେଲା ନାହିଁ । ପ୍ରହ୍ଲାଦଙ୍କ ବିଜୟରେ ଖୁସି ହୋଇ ଲୋକେ ହୋଲି ଉତ୍ସବ ପାଳନ କଲେ । ରାକ୍ଷସୀ ହୋଲିକାର ନାମାନୁସାରେ ଏହି ପର୍ବର ନାମ ହୋଲି ରହିଲା । ସେବେ ଠାରୁ ଭାରତରେ ହୋଲି ଉତ୍ସବ ପାଳିତ ହୋଇଆସୁଛି । ହୋଲି ଉତ୍ସବ ଦେଶବାସୀଙ୍କ ପାଇଁ ପ୍ରବଳ ଉତ୍ସାହ ଓ ଖୁସି ନେଇ ଆସିଥାଏ । ଦେଶବାସୀ ପରସ୍ପରକୁ ରଙ୍ଗ, ଅବିର ବୋଳି ଖୁସି ବାଣ୍ଟିଥାନ୍ତି । ଫାଲଗୁନ୍ ପୂର୍ଣ୍ଣିମା ପରଦିନ ପାଳିତ ହେଉଥିବା ଏହି ପର୍ବରେ ହୋଲିକା ଦହନ ମଧ୍ୟ ଅନୁଷ୍ଠିତ ହୋଇଥାଏ ।

*ଜିଲ୍ଲା ସଂଯୋଜିକା (ଶିକ୍ଷାଣ୍ଟ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା,*
*ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୯୩୭୪୭୦୯୮୦*

# ଶ୍ରୀ ମା'

**ଶ୍ୟାମ ସୁନ୍ଦର ସାମଲ**

ଭାରତୀୟ ଆଧ୍ୟାତ୍ମିକ ଗୁରୁ ଶ୍ରୀ ମା' । ତାଙ୍କ ପ୍ରକୃତ ନାମ ମୀରା ଅଲ୍‌ଫାସା । ପିଲା ଦିନୁ ମହାପୁରୁଷମାନଙ୍କୁ ସାକ୍ଷାତ କରି ସେମାନଙ୍କ ସହ ଆଧ୍ୟାତ୍ମିକ ଆଲୋଚନା କରୁଥିଲେ । ପଣ୍ଡିଚେରୀରେ ଶ୍ରୀଅରବିନ୍ଦଙ୍କ ଦର୍ଶନ କରିବା ପରେ ନିଜକୁ ତାଙ୍କଠାରେ ସମର୍ପି ଦେଲେ । ସୂଚନାଥାଉକି ୧୮୭୮, ଫେବୃୟାରୀ ୨୧ରେ ଶ୍ରୀମା ପ୍ୟାରିସ୍ ସହରରେ ଜନ୍ମଗ୍ରହଣ କରିଥିଲେ । ଏକ ଧନାଢ଼୍ୟ ପରିବାରରେ ଜନ୍ମଗ୍ରହଣ କରିଲେ ମଧ୍ୟ ତାଙ୍କ ମନରେ କେବେ ଗର୍ବ, ଅହଂକାର ବସାବାନ୍ଧି ପାରିନଥିଲା । ତୁଳସୀ ଦୁଇପତ୍ରରୁ ବାସିବା ପରି ସେ ନିଜ ଜ୍ଞାନ ବୁଦ୍ଧି ବଳରେ ସାରା ସଂସାରକୁ ଆଲୋକ ଦେଖାଇଛନ୍ତି । ଏହାପରେ ଶ୍ରୀ ମା'ଙ୍କ ତତ୍ତ୍ୱାବଧାନରେ ପଣ୍ଡିଚେରୀ ଆଶ୍ରମ ପରିଚାଳିତ ହେଲା । ୧୯୨୬ ଶେଷ ବେଳକୁ ଆଶ୍ରମର ସବୁ ଦାୟିତ୍ୱ ତାଙ୍କୁ ସମର୍ପଣ କରି ଶ୍ରୀଅରବିନ୍ଦ ଅନ୍ତରାଳକୁ ଚାଲିଗଲେ । ତାଙ୍କ ଦେହାନ୍ତ ପରେ ମାନସିକ ଆଘାତ ହୋଇଥିଲେ ହେଁ ଶ୍ରୀ ମା'ଙ୍କ ସାଧନାରେ କୌଣସି ବ୍ୟାଘାତ ଆସି ନଥିଲା । ବିଶ୍ୱର କୋଣ ଅନୁକୋଣରୁ ସାଧକଙ୍କ ସଂଖ୍ୟା ବଢ଼ି ଚାଲିଥିଲା । ଆଶ୍ରମ ବିଦ୍ୟାଳୟ ଥିଲା ମା'ଙ୍କର ପ୍ରମୁଖ ଅବଦାନ । ୧୯୬୨ରୁ ମା' ହୃଦ୍‌ରୋଗରେ ପଡ଼ିଲେ । ଅସୁସ୍ଥତା ସତ୍ତ୍ୱେ ତାଙ୍କ ସାଧନା ଓ ଆଶ୍ରମର ଦୈନନ୍ଦିନ କାର୍ଯ୍ୟ ସୁଚାରୁରୂପେ ଚାଲିଥିଲା । ୧୯୭୩ ନଭେମ୍ବର ୧୭ ରାତିରେ ମା'ଇହଲୋକ ତ୍ୟାଗ କଲେ । ନିଷ୍ଠାର ସହ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିବା ବ୍ୟକ୍ତି ନିକଟରେ କୌଣସି କାର୍ଯ୍ୟ କଷ୍ଟସାଧ୍ୟ ନୁହେଁ ବୋଲି ସେ କହିଥିଲେ । ୧୯୨୦ ସାଲରେ ମା'ଙ୍କୁ କେହି ଜଣେ ପ୍ରଶ୍ନ କରିଥିଲେ ସେ ଭାରତକୁ ଆସିଲେ କାହିଁକି ? ଶ୍ରୀ ଅରବିନ୍ଦଙ୍କୁ ଜାଣିଲେ କିପରି ? ମା' ତାହାର ଉତ୍ତର ଖଣ୍ଡିଏ ପତ୍ରରେ ଦେଇଥିଲେ । ସେଥିରେ ମା' ଉଲ୍ଲେଖ କରିଥିଲେ ଯେ ସେ କୌଣସି ବିଶେଷ ଭଗବତ୍ କର୍ମ ସମ୍ପାଦନ ଉଦ୍ଦେଶ୍ୟରେ ପ୍ରେରିତ ହୋଇଛନ୍ତି । ତାଙ୍କ ଉଦ୍ଦିଷ୍ଟ କର୍ମ ସମ୍ବନ୍ଧରେ ପ୍ରଥମ ଜ୍ଞାନ କେବେ ଆସିଲା ସେ ବିଷୟରେ ମା' କହିପାରିନଥିଲେ । ହେଲେ ମନ ଓ ମସ୍ତିଷ୍କର ପରିପକ୍ୱତା ସହ ସେହି ଚେତନା କ୍ରମଶଃ ପରିସ୍ଫୁଟ ଓ ପ୍ରତିଫଳିତ ହୋଇଥିଲା । ୧୧ରୁ ୧୩ ବର୍ଷ ମଧ୍ୟରେ ଶ୍ରୀମା'ଙ୍କ ମଧ୍ୟରେ ଆପେ ଆପେ ଆଧ୍ୟାତ୍ମିକ ଅନୁଭୂତି ଆସିଲା । ଏହାଫଳରେ ସେ ଭଗବାନଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ମିଳନ ସମ୍ଭବ ନିଶ୍ଚିତ ବୋଲି ଜାଣିଲେ । ଦିବ୍ୟଜୀବନ ଲାଭ ଦ୍ୱାରା ଜଗତରେ ତାଙ୍କୁ ଅଭିବ୍ୟକ୍ତ କରିପାରିବା ମଧ୍ୟ ସମ୍ଭବ ହେବ । ଏହି ଅନୁଭୂତିକୁ କିପରି ସାର୍ଥକ ଓ କାର୍ଯ୍ୟକାରୀ କରିହେବ, ତାହା ସେ ଶୋଇବା ଅବସ୍ଥାରେ ଶିକ୍ଷା କରୁଥିଲେ । ୧୯୭୮ ଫେବୃଆରୀ ୨୧ରେ ଶ୍ରୀ ମା'ପ୍ୟାରିସ୍‌ରେ ଜନ୍ମ ଗ୍ରହଣ କରିଥିଲେ ।

*ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ,*
*ଦୂରଭାଷ : ୯୭୭୮୬୩୫୯୨୬*

# ମା'ର ସ୍ନେହ

**ସୌମ୍ୟସାଇ ସିଦ୍ଧାର୍ଥ ଭୂୟାଁ**

ଆମ୍ଭ ମାନଙ୍କର ନିତି ଦିନିଆ ଜୀବନରେ ଆମେ ମାଆର ସ୍ନେହକୁ ଅନେକ ବୁଝି ପାରିନଥାଉ କିନ୍ତୁ ପରବର୍ତ୍ତୀ ସମୟରେ ବୁଝିଲା ବେଳକୁ ବହୁତ ଡ଼େରି ହୋଇଯାଇଥାଏ । ସେଥିପାଇଁ କୁହାଯାଏ ମାଆର ପଣତ କାନି ହେଉଛି ଗୋଟିଏ ପିଲା ପାଇଁ ଅଭେଦ୍ୟ ସୁରକ୍ଷା କବଚ । ଏହି ମର୍ମରେ ମନେପଡୁଛି କିଛି ଦିନ ତଳେ ପଢ଼ିଥିବା ଏକ ଆଧ୍ୟାତ୍ମିକ ପୁସ୍ତକର କିଛି ଅଂଶ । ଯାହାକି ଆମ୍ଭମାନଙ୍କୁ ମାଆର ସ୍ନେହ ସମ୍ବନ୍ଧରେ ବୁଝାଇବା ପାଇଁ ଯଥେଷ୍ଟ । ଦିନେ ଆଶ୍ରମରେ ଶିଷ୍ୟମାନଙ୍କୁ ଗୁରୁ ବୁଝାଉଥିଲେ ପିତା-ମାତାଙ୍କ ମହାନତା କେତେ । ସନ୍ତାନ ପ୍ରତି ମା'ର ନିଃସର୍ତ୍ତ ପ୍ରେମ ଅନ୍ୟ କେଉଁଠି ଦେଖିବାକୁ ମିଳେନା । ଶିଷ୍ୟଗଣଙ୍କ ଉତ୍ସୁକ ନୟନକୁ ଦେଖି ଏହି ଅବସରରେ ଗୁରୁ ଏକ ସତ୍ୟ ଘଟଣାର ଅବତାରଣା କରିବାକୁ ଯାଇ କହିଚାଲିଲେ ଛୋଟ ସହରରେ ଏକ ଦମ୍ପତି ରହୁଥାନ୍ତି । ସେମାନଙ୍କର ଏକମାତ୍ର ପୁଅଟି ତୃତୀୟ ଶ୍ରେଣୀରେ ପାଠ ପଢୁଥାଏ । ବାପାଙ୍କ ଆକସ୍ମିକ ମୃତ୍ୟୁ ହୋଇଗଲା । ଆର୍ଥିକ ଅବସ୍ଥା ଭଲ ନଥାଏ । ପୁଅର ସ୍କୁଲ ହଷ୍ଟେଲରେ ମା' ରୋଷେଇ କରି କିଛି ରୋଜଗାର କରୁଥିଲେ ଏବଂ ପିଲାଟିକୁ ପାଠ ପଢ଼ାଉଥିଲେ । ପୁଅଟି ଭଲ ପାଠ ପଢୁଥାଏ । ଦିନେ ପୁଅର ଜଣେ ସାଙ୍ଗ ଥଟ୍ଟା କରି କହିଲା ଏଃ, ତୋ ମା' କାଣୀ । ଅର୍ଥାତ୍ ମା'ର ଗୋଟିଏ ଆଖି ନାହିଁ । ପୁଅକୁ ଖରାପ ଲାଗିଲା । ଏମିତି ଭିନ୍ନ ଭିନ୍ନ ସମୟରେ ସେ ମନ୍ତବ୍ୟ ଶୁଣିଲା ଯେ ତାର ପରିଚୟ ହେଉଛି କାଣୀ ରୋଷେୟାଙ୍କ ପୁଅ ବୋଲି । ସେ ମନେ ମନେ ସ୍ଥିର କଲା ସହର ଛାଡ଼ି ବହୁ ଦୂରକୁ ଚାଲିଯିବ । ମା'ର ପରିଚୟ ଠାରୁ ଦୂରେଇ ଯିବ । ଭଲ ପାଠ ପଢୁଥିଲା, ବଡ଼ ସହରକୁ ଚାଲିଗଲା । ମା'ପାଖକୁ ଫେରିଲାନି, ଭାବିଲା ମା' ତା ପାଇଁ ଅଭିଶାପ । ପୁଅଠୁ ଅଲଗା ରହିବାର କଷ୍ଟ ସହି ମା' ଗାଁରେ ପଡ଼ି ରହିଲା । ପୁଅ ବଡ଼ ଅଫିସର, ବାହାସାହା ହୋଇ ସହରରେ ରହୁଛି । ଦିନେ ମା'ର ଇଚ୍ଛା ହେଲା ପୁଅ-ବୋହୂ, ନାତି-ନାତୁଣୀଙ୍କୁ ଟିକିଏ ଦେଖନ୍ତା । ପଚାରି ପଚାରି ଗଲା । ପିଲାମାନଙ୍କୁ ଘର ବାହାରେ ଠିଆ ହୋଇ ଦେଖିଲା । କିନ୍ତୁ ପୁଅ ଯେତେବେଳେ ମା'କୁ ଦେଖିଲା ଗାଳି କରି ତଡ଼ିଦେଲା । କହିଲା କାଣୀ ମା'ର ପୁଅ ବୋଲି ମୋତେ ଲାଜ ଲାଗୁଛି । ଏ ଭିତରେ କିଛି ମାସ ଚାଲିଗଲା । କ'ଣ ସରକାରୀ କାମରେ ପୁଅ ସେଇ ଗାଁକୁ ଆସିଥାଏ । କ'ଣ ମନ ହେଲା କେଜାଣି ଭାବିଲା ଜନ୍ମସ୍ଥାନ ଟିକିଏ ଦେଖିଯିବି । ଘରେ ପହଞ୍ଚିଲା ବେଳକୁ ଜାଣିବାକୁ ପାଇଲା ମାସକ ଆଗରୁ ମା' ମରିଯାଇଛି । ପଡ଼ୋଶୀ ମହିଳା ପୁଅ ନାଁରେ ଲେଖାଥିବା ଚିଠିଟିଏ ଆଣି ଦେଲେ । ସେଥିରେ ଲେଖାଥିଲା - ପୁଅ, ତୁ ଖୁସିରେ ଅଛୁ ଜାଣିଲି, ଯାହାହେଉ ତୋ ଜରିଆରେ ମୁଁ ଦୁନିଆକୁ ଦେଖାଯିବ ସେଥିଲାଗି ମୋ ଆଖି କାଢ଼ି ତୋ ଆଖିରେ ଡାକ୍ତର ଲଗାଇଥିଲେ । ମୋର ଦୁର୍ଭାଗ୍ୟ ଯେ ତୋ ସହିତ ଆଉ ଭେଟ ହୋଇପାରିଲା ନାହିଁ ।

*ଭୁବନେଶ୍ୱର,*
*ଦୂରଭାଷ : ୯୦୯୦୦୫୧୫୪୩*

# ବିଭିନ୍ନ ଦେଶରେ ହୋଲି ପର୍ବ


ଗୋପୀନାଥ ଦାଶ

ହୋଲି ପର୍ବ ଖାଲି ଭାରତରେ ଧୁମ୍‌ଧାମରେ ପାଳନ କରନ୍ତି ତା ନୁହେଁ ବରଂ ବିଦେଶରେ ମଧ୍ୟ ଭିନ୍ନ ଭିନ୍ନ ମାଧ୍ୟମରେ ହୋଲି ପର୍ବ ପାଳନ୍ତି । ମାଧ୍ୟମରେ ହୋଲି ପର୍ବ ପାଳନ୍ତି । ଭାରତରେ ରଙ୍ଗର ପର୍ବକୁ ହୋଲି କୁହାଯାଉଥିବା ବେଳେ ବିଦେଶରେ ଏହାକୁ ଅଲଗା ଅଲଗା ନାମରେ ସମ୍ବୋଧନ କରିଥାନ୍ତି । ରୋମ୍‌ରେ ଅପ୍ରେଲ ମାସରେ ହୋଲି ପର୍ବ ଭଳି ସାଟର ପର୍ବ ପାଳନ କରନ୍ତି । ହୋଲିରେ ଯେପରି ଭେଦଭାବ ଦୂର କରି ରଙ୍ଗ ମାଧ୍ୟମରେ ଅଭିନନ୍ଦନ ଜଣାଇ ହୋଲି ପାଳନ କରନ୍ତି ସେହିପରି ରୋମ୍‌ରେ ମାଲିକ ଓ ଚାକର ଏଠାରେ କିଏ କାହାର ଗୁଲାମୀ ନୁହେଁ । ଏଠାରେ ସମସ୍ତେ ସମାନ ଭାବେ ଖୋଲା ହୃଦୟର ସହିତ ହୋଲି ମନାନ୍ତି । ପ୍ରାଚୀନ କାଳରେ ଦାସଦାସୀଙ୍କୁ ଏହି ପର୍ବରେ ସ୍ୱାଧୀନ ମିଳୁଥିଲା । ସେମାନେ ଏହି ପର୍ବରେ ମାଲିକଙ୍କ ସହ ଖୁସିରେ ସାମିଲ ହେବା ସହ ଥଟ୍ଟମଜ୍ଜା କରି ଏହି ପର୍ବକୁ ପାଳନ କରନ୍ତି ।

ଫ୍ରାନ୍ସରେ ମୁର୍ଖଙ୍କ ପର୍ବ ବୋଲି ହୋଲି ଖେଳାଯାଇଥାଏ । ଏହାକୁ ଅନେକ ସ୍ଥାନରେ ମହାମୂର୍ଖଙ୍କ ସମ୍ମିଳନୀ ଆୟୋଜନ କରାଯାଇଥାଏ । ଏଥିରେ ଜ୍ଞାନୀ ଏବଂ ବୁଦ୍ଧିଜୀବୀ ଏପରିକି ମୂର୍ଖ ଲୋକମାନେ ମଧ୍ୟ ସାମିଲ ହୋଇଥାନ୍ତି । ଏଥିରେ ସବୁ ବର୍ଗର ଲୋକ ଧୁମ୍ ମଚାଉଥିବା ବେଳେ ଯିଏ ନିଜକୁ ବଞ୍ଚାଇଥାନ୍ତି ତାଙ୍କ ମୁହଁ କଳା କରି ଲୋକମାନେ ମଜ୍ଜା ଉଡାଇଥାନ୍ତି । ଫ୍ରାନ୍ସ ପରି ଆମେରିକାରେ ମଧ୍ୟ ଅକ୍ଟୋବର ମାସରେ ହୋବୋ ନାମକ ପର୍ବ ପାଳନ କରାଯାଇଥାଏ । ଏହି ପର୍ବକୁ ଲୋକମାନେ ଧୁମ୍‌ଧାମରେ ପାଳନ କରିବା ସହିତ ଛୋଟ ଛୋଟ କାର୍ଯ୍ୟକ୍ରମ କରି ବିଜେତା ଦଳକୁ ପୁରସ୍କାର ଦେଇଥାନ୍ତି । ଚୀନ୍‌ରେ ବସନ୍ତ ଋତୁ ପରେ ଚବେଜା ଦିବସ ନାମକ ପର୍ବ ପାଳନ କରନ୍ତି । ଏହି ପର୍ବରେ ଚାଇନା ଲୋକେ ପରସ୍ପରକୁ ରଙ୍ଗ ପକାଇ ଖୁସି ଅନୁଭବ କରିଥାନ୍ତି । ଏହି ପର୍ବରେ ବହୁମାତ୍ରାରେ ଚୀନ୍‌ବାସୀ ଯୋଗ ଦେଇ ପାଳନ କରନ୍ତି । ସେହିପରି ଆଫ୍ରିକାରେ ଭାରତୀୟ ପର୍ବ ବିଜୟ ଦଶମୀରେ ଓମେନା ବେଗା ନାମକ ପର୍ବ ପାଳନ କରନ୍ତି । ପୁରାତନ କାଳରେ ଜନୈକ ଅତ୍ୟାଚାରୀ ଶାସନ ଥିଲା । ଏହି ଦିନ ତାକୁ ପୋଡ଼ିଦିଆଯାଇ ମାରିଦିଆଯାଇଥିଲା । ସେବେଠାରୁ ଆଫ୍ରିକୀୟମାନେ ଅତ୍ୟାଚାରୀ ଶାସକଙ୍କ ପୁତ୍ତଳା ପ୍ରସ୍ତୁତ କରି ଜଳାଇ ଗୀତଗାଇ ଓ ନାଚି ଖୁସି ମନାଇଥାନ୍ତି । ଜାପାନରେ ହୋଲି ଦିନ ନୂଆ ବସ୍ତ୍ର ପରିଧାନ କରି ନୂଆ ଢ଼ଙ୍ଗରେ ହୋଲି ପାଳନ କରନ୍ତି । ସେହିପରି ଇଟାଲୀରେ ବେଲିୟା କୋନେନ୍‌ସ ନାମକ ପର୍ବ ପାଳନ କରନ୍ତି । ଏହି ପର୍ବରେ ବଡ଼ ଶାଳୀନତାର ସହ ପାଳନ କରିଥାନ୍ତି । ପରସ୍ପରକୁ ସୁଗନ୍ଧଯୁକ୍ତ ରଙ୍ଗ ପକାଇବା ସହ ଶସ୍ୟ ଦେବୀଙ୍କୁ ଖୁସି କରିବା ଲାଗି ଭାରତୀୟ ଭଳି ସନ୍ଧ୍ୟା ସମୟରେ ସବୁ କାଠକୁ ଏକତ୍ରିତ କରି ଜଳାଇ ଗୀତ ଗାଇ ପାଳନ କରନ୍ତି ।

*କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ,*
*ଅରୁଆ କଦଳୀବଣ,*
*ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,*
*ଦୂରଭାଷ : ୮୮୯୫୨୯୬୧୬୭*

# ସୋଲାସିୟମ ପାଣ୍ଠିର ସୁଫଳ ମିଳୁନି


ସନ୍ଦୀପ ସତ୍ୟନାରାୟଣ ଭୂୟାଁ

ରାସ୍ତା ଦୁର୍ଘଟଣା ଯେତିକି ବଢୁଛି ମୃତାହତଙ୍କ ସଂଖ୍ୟା ସମପରିମାଣରେ ବଢ଼ି ବଢ଼ି ଚାଲିଛି । ବହୁ ସମୟରେ ରାସ୍ତରେ ଅଜଣା ଗାଡ଼ି ଧକ୍କାରେ ବହୁ ଲୋକଙ୍କ ମୃତ୍ୟୁବରଣ ସହ ଅନେକ ଗୁରୁତର ଭାବେ ଆହତ ହେଉଛନ୍ତି । ତେବେ ଏହି ବ୍ୟକ୍ତିମାନେ ବୀମାରାଶି ପାଇବାରୁ ବଞ୍ଚିତ ରହୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ସରକାର ସୋଲାସିୟମ ପାଣ୍ଠି ଗଠନ କରି ସେଥିରୁ ଆର୍ଥିକ ସହାୟତା ଦେବାକୁ ନିର୍ଦ୍ଦେଶ ଜାରି କରିଥିଲେ । ତେବେ ବିଡ଼ମ୍ବନା ଆମ ରାଜ୍ୟରେ ଜନସାଧାରଣ ଏ ପାଣ୍ଠି ସମ୍ପର୍କରେ ଆଦୌ ଅବଗତ ନାହାନ୍ତି । ନିୟମ ରହିଛି ଯେ ଯଦି ଅଜଣା ଗାଡ଼ି ଧକ୍କାରେ କାହାର ମୃତ୍ୟୁ ଘଟେ ତେବେ ତାଙ୍କ ପରିବାରର ଲୋକଙ୍କୁ ୨ ଲକ୍ଷ ଟଙ୍କା ଏବଂ ଆହତ ହେଲେ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ମିଳିବ । ଦୁର୍ଘଟଣାର ୬ ମାସ ମଧ୍ୟରେ ଏଥିପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଆବେଦନ କରିବାକୁ ହେବ । ସେ ଆବେଦନ ପାଇବା ପରେ ତଦନ୍ତ କରି ପରିବହନ କମିଶନରଙ୍କୁ ଏକ ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବେ । ରିପୋର୍ଟ ପାଇବାର ୧୫ ଦିନ ମଧ୍ୟରେ ପରିବହନ କମିଶନର ସୋଲାସିୟମ ପାଣ୍ଠିରୁ ଏ ସହାୟତା ମଞ୍ଜୁର କରିବେ । ମାତ୍ର ଏ ସମ୍ପର୍କରେ ଲୋକମାନେ ଅବଗତ ନଥିବାରୁ ଅତି କମ ପରିବାର ଏ ନେଇ ଆବେଦନ କରୁଛନ୍ତି । ସୂଚନା ଅନୁସାରେ ୨୦୧୮ ମସିହାରେ ରାଜ୍ୟ ସରକାର ପ୍ରାଥମିକ ପର୍ଯ୍ୟାୟରେ ୧ କୋଟି ଟଙ୍କାର ପାଣ୍ଠି ଗଠନ କରୁଛନ୍ତି । ତେବେ ୨୦୨୦ ମସିହାରେ ରାଜ୍ୟରେ ୨୧୮୩ (ଅଜଣାଗାଡ଼ି ଦୁର୍ଘଟଣାଣ୍ଟ ଘଟିଥିବାବେଳେ ୧୦୮୯ ଜଣ ମୃତ୍ୟୁବରଣ କରିଥିଲେ । ୧୧୭୪ ଜଣ ଆହତ ହୋଇଥିଲେ । ତେବେ ସୋଲାସିୟମ ପାଣ୍ଠିରୁ ଆର୍ଥିକ ସହାୟତା ପାଇବାକୁ ମାତ୍ର ୫ଟି ଆବେଦନ ପରିବହନ କମିଶନରଙ୍କ ନିକଟକୁ ଆସିଥିଲା । ୨୦୨୧ରେ ୪୮ ଏବଂ ୨୦୨୨ରେ ମାତ୍ର ୮୭ଟି ଆବେଦନପତ୍ର ମିଳିଛି । ଏହା ସ୍ପଷ୍ଟ କରୁଛି ଯେ ରାଜ୍ୟରେ ଏହି ଆର୍ଥିକ ସହାୟତା ନେଇ ଜନ ସଚେତନତା ଆଦୌ ନାହିଁ । ଏ ଦିଗରୁ ପୁଲିସର ବଡ଼ ଭୂମିକା ଥିଲେ ହେଁ ଥାନାରୁ ଏ ସମ୍ପର୍କରେ ବିଶଦ ସୂଚନା ଦିଆଯାଉନାହିଁ । ଫଳରେ ବହୁ ପରିବାର ଏ ସହାୟତାରୁ ବଞ୍ଚିତ ହେଉଛନ୍ତି । ଥାନାଗୁଡ଼ିକ ଏ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ସଡ଼କ ସୁରକ୍ଷା ସପ୍ତାହରେ ଏ ନେଇ ଅଧିକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ପରିବହନ ଓ ପୋଲିସ ବିଭାଗ ଏ ନେଇ ଏକ ବୈଠକରେ ଆଲୋଚନା କରି କିଭଳି ଲୋକଙ୍କ ନିକଟରେ ଏ ବାର୍ତ୍ତା ପହଞ୍ଚପାରିବ ସେ ଦିଗରେ ସରକାର ପଦକ୍ଷେପ ନେବା ଜରୁରୀ ଓ ଏ ନେଇ ଆମ ମାନଙ୍କ ଭିତରେ ସଚେତନତା ମଧ୍ୟ ଅପରିହାର୍ଯ୍ୟ ।

*ପ୍ରତିଷ୍ଠାତା ହ୍ୱାଇଟ ଜୁମେଟ, ଭୁବନେଶ୍ୱର,*
*ଦୂରଭାଷ : ୯୪୩୮୮୩୧୨୯୪*




# ମିଶନ ଶକ୍ତି ବିଭାଗର ବଜେଟ ୨୦୨୩-୨୪ ସଂକ୍ରାନ୍ତୀୟ ସାମ୍ବାଦିକ ସମ୍ମିଳନୀ

ଭୁବନେଶ୍ୱର, (ପି.ଏନ): ମିଶନ ଶକ୍ତି ଆଜି ଓଡ଼ିଶାର ୭୦ ଲକ୍ଷରୁ ଅଧିକ ମହିଳାଙ୍କ ଜୀବନରେ ପରିବର୍ତ୍ତନ ଆଣିଛି । ଏଥି ନିମନ୍ତେ ମହିଳାମାନଙ୍କୁ ୬ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀରେ ସଂଗଠିତ କରି ରୋଜଗାରଭିତିକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ସରକାରୀ ଯୋଜନାରେ ସଂପୃକ୍ତ କରାଇ ସଶକ୍ତ କରାଯାଉଛି । ନିରନ୍ତର ଆର୍ଥିକ ସହାୟତା, ଦକ୍ଷତା ବିକାଶ ତାଲିମ ଏବଂ ନୂତନ ଜୀବିକାର ରାହା ଦେଖାଇ ରାଜ୍ୟ ସରକାର ପ୍ରତ୍ୟେକ ମହିଳାଙ୍କ ମନରେ ଆତ୍ମବିଶ୍ୱାସ ଏବଂ ଗର୍ବର ଭାବନା ସୃଷ୍ଟି କରିଛନ୍ତି ବୋଲି ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ୍ କହିଛନ୍ତି ।ଆଜି ପୂର୍ବାହ୍ନରେ ଗୀତ ଗୋବିନ୍ଦ ସଦନଠାରେ ମିଶନ ଶକ୍ତି ବିଭାଗ ଦ୍ୱାରା ଆଗତ ୨୦୨୩-୨୪ ମସିହା ବଜେଟ ମୁଖ୍ୟାଂଶ ସଂପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ କହିଛନ୍ତି ଯେ ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷରେ ମିଶନ ଶକ୍ତି ବିଭାଗ ପାଇଁ ୨,୫୫୪ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରିଛନ୍ତି, ଯାହା ଗତ ବର୍ଷର ବଜେଟ ତୁଳନାରେ ୨୭ ପ୍ରତିଶତ ଅଧିକ । ଗତିଶୀଳତା ହେଉଛି ସଶକ୍ତିକରଣ ବୋଲି ଉଲ୍ଲେଖ କରି ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ କହିଛନ୍ତି ଯେ ମିଶନ ଶକ୍ତି ସ୍କୁଟର ଯୋଜନାରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଏବଂ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟାଙ୍କ ପାଇଁ ବୈଦ୍ୟୁତିକ ସ୍କୁଟର ନିମନ୍ତେ ସହାୟତା ଯୋଗାଇ ଦିଆଯିବ । ଏହି ଯୋଜନା ଅଧିନରେ ଇଲେକ୍ଟ୍ରିକ୍ ସ୍କୁଟର କ୍ରୟ ପାଇଁ ଦିଆଯାଉଥିବା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ଉପରେ ସଂପୂର୍ଣ୍ଣ ସୁଧ ରିହାତି ପ୍ରସ୍ତାବ ଦିଆଯାଇଛି । ଏଥି ପାଇଁ ୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି । ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ ପୁଣି କହିଛନ୍ତି ଯେ ମିଶନ ଶକ୍ତି ବିଭାଗ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଉଦ୍ୟୋଗୀରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି । ଏଥି ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ଇଣ୍ଡଷ୍ଟ୍ରିଆଲ୍ ପାର୍କ ପ୍ରତିଷ୍ଠା କରିବା ପାଇଁ ଅନୁମୋଦନ କରିଛନ୍ତି । ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରତିଷ୍ଠା ପାଇଁ ୧୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଉଦ୍ୟୋଗୀରେ ରୂପାନ୍ତରଣ କରିବା ଦିଗରେ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ବିନା ସୁଧରେ ମିଶନ ଶକ୍ତି ଋଣକୁ ୩ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି । ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୧୦ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ଯୋଗାଇ ଦେବା ପାଇଁ ୨୨୦ କୋଟି ଟଙ୍କାର ସୁଧ ଫେରସ୍ତ ବ୍ୟବସ୍ଥା କରାଯାଇଛି । ମା'ମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ସୁଧରିହାତି ଫେରସ୍ତ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ କହିଛନ୍ତି । ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ସୁଜାତା କାର୍ତ୍ତିକେୟନ୍ କହିଛନ୍ତି ଯେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଉଦ୍ୟୋଗୀରେ ପରିଣତ କରିବା ପାଇଁ ତାଲିମ, ଜୀବନଜୀବିକା ଓ ଦକ୍ଷତା ବିକାଶ ଉପରେ ମିଶନ ଶକ୍ତି ବିଭାଗ ଦ୍ୱାରା ଗୁରୁତ୍ୱ ଦିଆଯାଉଛି । ବ୍ଲକ୍ ସ୍ତରରେ କୃଷି ପ୍ରକ୍ରିୟାକରଣ, ବିୟୁଟି, ଡିଜିଟାଲ ଓ ବିଜିନେସ୍ ମ୍ୟାନେଜ୍‌ମେଂଟ, ଫ୍ୟାସନ୍ ଡିଜାଇନିଂ, କାଫେ ଏବଂ ଖାଦ୍ୟ ପ୍ରସ୍ତୁତି ଇତ୍ୟାଦି ଉପରେ ତାଲିମ ପାଇଁ ୭୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଆଗାମୀ ପାଂଚ ବର୍ଷ ମଧ୍ୟରେ ସାରା ରାଜ୍ୟରେ ୫୦୦ଟି ମିଶନ ଶକ୍ତି ବଜାର ପ୍ରତିଷ୍ଠା କରାଯିବ ।

## ୨୬ରେ ଭଦ୍ରକ ଆସିବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ: ଦଳୀୟ ସମାବେଶରେ ଯୋଗ ଦେବେ

ଭୁବନେଶ୍ୱର, (ପି.ଏନ): ଆସନ୍ତା ୨୬ ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଭଦ୍ରକ ଆସିବେ ବୋଲି ବିଜେପି ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ସେ ସୂଚନା ଦେଇଛନ୍ତି ଯେ ଲୋକସଭା ପ୍ରବାସ କାର୍ଯ୍ୟକ୍ରମ ଅନୁଯାୟୀ ସେ ଭଦ୍ରକଆସିବେ । ଗୃହମନ୍ତ୍ରୀ ଅମିତ ଶାହ ଭଦ୍ରକ ଲୋକସଭା ନିର୍ବାଚନ ମଣ୍ଡଳୀରେ ଦଳୀୟ ସମାବେଶରେ ଯୋଗ ଦେବେ । ଏହି ଅବସରରେ ସେ ବିଜେପିର ତୃଣମୂଳ ସ୍ତରର ନେତା ଓ କର୍ମୀଙ୍କ ସହ ଆଲୋଚନା ବି କରିବେ ।ସେ କହିଛନ୍ତି ଯେ କେନ୍ଦ୍ର ଗୃହମନ୍ତ୍ରୀ ଭଦ୍ରକର କେତେକ ଐତିହାସିକ ସ୍ଥଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ସେ କହିଛନ୍ତି ଯେ ଅମିତ ଶାହଙ୍କର ଢେଙ୍କାନାଳ ଓ ଭଦ୍ରକ ଲୋକସଭା ନିର୍ବାଚନ ମଣ୍ଡଳୀରେ ପ୍ରବାସ କାର୍ଯ୍ୟକ୍ରମ ରହିଛି । ତେବେ ଏଥର ସେ ପ୍ରଥମେ ଭଦ୍ରକ ଆସିବେ । ତାଙ୍କର ଗସ୍ତ ଆଗାମୀ ଦିନେ ଦୁଇ ଦିନ ମଧ୍ୟରେ ଚୁଡାନ୍ତ ହୋଇଯିବ ।

# ସାମସଙ୍ଗ ଇଣ୍ଡିଆରେ ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ୍ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିର୍ଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି । କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି । କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି । ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି । ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି । କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି । ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି । ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି । ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି । ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି । ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି । କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି । ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି । ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି । ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି । ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ ରହିଛି । ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି । ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ । କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି । ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ । ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି । ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି । କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି । ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ । ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା । କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୂତ ହୋଇଛି । ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି ।

## ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି । ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା । ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି । ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି ।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ । ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡ଼ିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି । ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି । ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି । ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି । ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି । ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି । ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି ।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି । ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି । ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି । ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ । ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି । ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି । ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚ୍ଚଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ତଙ୍କକ୍ଷସ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତ୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି । ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି । ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି । ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ । ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ । ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ । ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି । ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି । ଏହି କ୍ୟାପସୁଲ ସମ୍ଭାର ବର୍ତ୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ । ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ । ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ । ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି । ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି । ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତ୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଢକ୍ଷସ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ । କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି । ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି । ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି । ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ ହୋଇଛି । ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ । 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି ।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି । ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ । ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା । ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି ।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି । ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି । ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି । ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି । ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି । ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଢକ୍ଷସ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି । ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି । ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି । କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି । ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ । ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ । ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି । ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଢକ୍ଷସ୍ପ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି । ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି । ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି ।

## ମାଟ୍ରିକ୍ ପରୀକ୍ଷାରେ କପିକୁ ରୋକିବାକୁ ବ୍ୟାପକ ବ୍ୟବସ୍ଥା : ସମୀର ରଂଜନ ଦାସ

ଭୁବନେଶ୍ୱର, (ପି.ଏନ):ଆଗାମୀ ୧୦ ତାରିଖରୁ ହେବାକୁ ଥିବା ମାଟ୍ରିକ୍ ପରୀକ୍ଷାରେ କପିକୁ ରୋକିବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ସୂଚନା ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ ସମୀର ରଂଜନ ଦାଶ । ଶ୍ରୀ ଦାଶ ଏଠାରେ ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ କହିଛନ୍ତି ଯେ ମାଟ୍ରିକ ପରୀକ୍ଷାରେ କପି ରୋକିବାକୁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ପରୀକ୍ଷା ସେଂଟର ଗୁଡ଼ିକୁ ସ୍କ୍ୱାଡ୍ ଅଚାନକ ଗସ୍ତ କରିବେ । ଯାହାର ଗାତିବିଧି ସମ୍ପର୍କରେ କେହି ପୂର୍ବ ସୂଚନା ପାଇବେନି । ସେହିପରି ପରୀକ୍ଷାରେ ସ୍ୱଚ୍ଛତା ରକ୍ଷା ନିମନ୍ତେ ଅଧିକାଂଶ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସିଟିଭି ଲଗାଯିବ ।

# ମୋ ଓଡ଼ିଶା

## ଦୁର୍ଘଟଣା ମୃତ୍ୟୁ କମିପାରିବ



ସୂଚନା ପ୍ରଯୁକ୍ତିର ବୈପ୍ଲବିକ ପ୍ରଗତି, ଡିଜିଟାଲ ଇଣ୍ଡିଆର ଭେଳିକି, ସଚେତନତା ପାଇଁ କୋଟି କୋଟି ଟଙ୍କାର ଟଙ୍କା ଶ୍ରାଦ୍ଧ ହୋଇ ବି ଉଦ୍‌ବେଗଜନକ ଭାବରେ ସଡ଼କ ଦୁର୍ଘଟଣାରେ ଅନେକଙ୍କ ଜୀବନ ଦୀପ ନିର୍ବାପିତ ହୋଇଯାଉଛି। ନିକଟରେ ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ତଥ୍ୟ ଅନୁଯାୟୀ ଭାରତରେ ଗୋଟିଏ ଘଣ୍ଟା ଭିତରେ ସେଥିରେ ପାଖାପାଖି ୧୬ଜଣଙ୍କ ପ୍ରାଣହାନୀ ହୋଇଛି। ଏହି ପରିସଂଖ୍ୟାନକୁ ହିସାବ କଲେ ଭାରତରେ ପ୍ରତିଦିନ ୩୮୪ଜଣଙ୍କ ଜୀବନ ହାନୀ ହେଉଛି। କେବଳ ଗତବର୍ଷ ସମଗ୍ର ଭାରତରେ ୪ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ସଡ଼କ ଦୁର୍ଘଟଣାରେ, ୧ଲକ୍ଷ ୪୦ ହଜାରରୁ ଅଧିକ ଲୋକଙ୍କ ପ୍ରାଣହାନୀ ହେବା ସହ ୫ଲକ୍ଷ ପାଖାପାଖି ଲୋକେ ଗୁରୁତର ଭାବେ ଆହତ ହେଉଛନ୍ତି। କେତେକ ବିକଳାଙ୍ଗ ହୋଇ ସାରା ଜୀବନ ବିତାଉଥିବାର ଛାତିଥରା ଘଟଣାଟି ହେଉଛି ଏହା। ସମଗ୍ର ପୃଥିବୀରେ ଅନ୍ୟ ରାଷ୍ଟ୍ର ତୁଳନାତ୍ମକ ପରିସଂଖ୍ୟାନରେ ଭାରତର ରାସ୍ତା ସବୁଠାରୁ ଅଧିକ ଦୁର୍ଘଟଣା ପ୍ରବଣ। ଗତ ୨୦୧୩ରେ ଦେଶରେ ଘଟିଥିବା ଦୁର୍ଘଟଣା ସଂଖ୍ୟା ଥିଲା ପ୍ରାୟ ୫ ଲକ୍ଷ ଏବଂ ଏଥିରେ ୧ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା । ସଡ଼କ ଦୁର୍ଘଟଣାର ଭୟାବହତାର ତଥ୍ୟ ଯାହା ଅନେକ ହତଭାଗ୍ୟଙ୍କ ବୃତ୍ତିଗତ କ୍ଷେତ୍ର ଠାରୁ ପାରିବାରିକ କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଥାଏ। ସଡ଼କ ଦୁର୍ଘଟଣାକୁ କେତେକାଂଶରେ ରୋକିବା ପାଇଁ ସରକାରୀ ଓ ବେସରକାରୀ କ୍ଷେତ୍ରରେ ବହୁତ କିଛି କାର୍ଯ୍ୟ ହେଉଥିବାର ଢ଼ୋଲ ପିଟାଯାଉଛି। କିନ୍ତୁ କିଛି ଫଳ ମିଳୁ ଥିବାର ତ ଦେଖାଯାଉନାହିଁ? ତେବେ ଆଉ ଗୋଟିଏ ଉଦ୍‌ବେଗ ଜନକ ପ୍ରସଙ୍ଗ ହେଉଛି ଯେ ଘଟଣାସ୍ଥଳରେ ମୁମୂର୍ଷୁ ହୋଇଥିବା ଲୋକଟିକୁ ତତ୍କାଳ ଚିକିତ୍ସାଳୟକୁ ନେଇ ପାରିଲେ ହୁଏତ କିଛି ଲୋକଙ୍କ ଜୀବନ ଅନ୍ତତଃ ବଞ୍ଚିଯାଇପାରନ୍ତା। ଏଥିପାଇଁ ଆବଶ୍ୟକ ଦୁର୍ଘଟଣାର ଆହତଙ୍କୁ ଠିକଣା ସମୟରେ ଚିକିତ୍ସା ଏବଂ ସର୍ବନିମ୍ନ ସଡ଼କ ସୁରକ୍ଷା ନିୟମର ପାଳନ । ଆଇନ କମିସନଙ୍କ ଏକ ରିପୋର୍ଟ ଅନୁଯାୟୀ ସଡ଼କ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ଅଧା ଲୋକଙ୍କ ଜୀବନ ରକ୍ଷା ହୋଇପାରନ୍ତା, ଯଦି ସେମାନଙ୍କୁ ଠିକଣା ସମୟରେ ଚିକିତ୍ସା ସୁବିଧା ମିଳି ପାରନ୍ତା । କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଅନେକ କ୍ଷେତ୍ରରେ ଦୁର୍ଘଟଣାରେ ଶିକାର ବ୍ୟକ୍ତିଙ୍କୁ ଠିକଣା ସମୟରେ ଚିକିତ୍ସା ସୁବିଧା ମିଳି ପାରୁନାହିଁ । ଏଥିପାଇଁ ଜରୁରୀ ଆମ୍ବୁଲାନ୍ସ ସେବାର ଅଭାବ ମୁଖ୍ୟତଃ ଦାୟୀ ହୋଇଥିଲେ ସୁଦ୍ଧା ଆଇନଗତ ସମସ୍ୟା ମଧ୍ୟ ଏ କ୍ଷେତ୍ରରେ ଏକ ବାଧକ । ରାଜ୍ୟ ସରକାରଙ୍କ ୧୦୮ ଆମ୍ବୁଲାନ୍ସ ବି ଏହି ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ସେତେଟା ସେବା ଯୋଗାଇ ପାରୁନଥିବାର ଅଭିଯୋଗ ବିଭିନ୍ନ ସମୟରେ ହୋଇଥାଏ। ଆମ ଆଇନ ବ୍ୟବସ୍ଥା ଏମିତି ଯେ, ଏହା ଦୁର୍ଘଟଣାରେ ଶିକାର ଆହତଙ୍କୁ ସହାୟତା କରିବା ଲାଗି ଉତ୍ସାହିତ କରିବା ପରିବର୍ତ୍ତେ ନିରୁତ୍ସାହିତ କରୁଛି । ପୁଲିସ୍ ଏବଂ ଅଦାଲତରେ ହଇରାଣ ହରକତ ହେବା ଭୟରେ ଅନେକ ବ୍ୟକ୍ତି ଦୁର୍ଘଟଣାରେ ଆହତଙ୍କୁ ସହାୟତା କରିବାରୁ କ୍ଷାନ୍ତ ହୁଅନ୍ତି । ସହାୟତାକାରୀଙ୍କୁ ସୁରକ୍ଷା ପ୍ରଦାନ ଲାଗି ଆଗତ ଏକ ଜନସ୍ୱାର୍ଥ ମାମଲା ୨୦୧୧ରୁ ସୁପ୍ରିମକୋର୍ଟର ବିଚାରାଧୀନ ରହିଛି । ଏ ବିଷୟରେ କୋର୍ଟ ଏକ କମିଟି ଗଠନ କରିଥିଲେ ସୁଦ୍ଧା କିଛି ଚୂଡ଼ାନ୍ତ ହୋଇ ନାହିଁ । ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇ ସହାୟତାକାରୀଙ୍କୁ ସୁରକ୍ଷା ପ୍ରଦାନ ଲାଗି ଆଇନ ଓ ନିୟମର ଆବଶ୍ୟକ ସଂଶୋଧନ ହେବା ଏକାନ୍ତ ଆବଶ୍ୟକ । ସଡ଼କ ଦୁର୍ଘଟଣାର ବିଭିନ୍ନ କାରଣ ଭିତରେ ନିଶାଦ୍ରବ୍ୟ ସେବନ ପ୍ରଥମ। ମାନ୍ୟବର କୋର୍ଟ ପ୍ରଥମେ ଜାତୀୟ ରାଜପଥ କଡ଼ରୁ ମଦ ଦୋକାନ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ବି ମାନ୍ୟବର ନ୍ୟାୟାଳୟର ରାୟ ସରକାରଙ୍କ ନାଲିଫିତା ତଳେ ବନ୍ଧା ହୋଇ ଯାହା ଧୂଳି ହିଁ ଖାଉଛି। ସେହିପରି ଆମ ସଡ଼କର ଗୁଣାତ୍ମକ ମାନ ଭଲ ରହୁନଥିବାରୁ ରାସ୍ତା ଦବି ଯିବା ଦ୍ୱାରା ବା ଫାଟ ସୃଷ୍ଟି ହେବା ଦ୍ୱାରା ବିଭିନ୍ନ ସମୟରେ ଦେଖାଯାଇଥାଏ। ଚଳିତ ନବକଳେବର ମହାପ୍ରଭୁଙ୍କ ଘୋଷଯାତ୍ରା ପୂର୍ବରୁ କେନ୍ଦ୍ରୀୟ ପାଣ୍ଠି ସହଯୋଗରେ ପୁରୀ ରାସ୍ତା ଯେଉଁପରି ଗୁଣାତ୍ମକମାନର ହୋଇଥିଲା ତାହାର ପ୍ରମାଣ ଗୋଟିଏ ଦିନ ଭିତରେ ହିଁ ପୁରୀବାସୀ ପାଇଗଲେ!! ଏହାକୁ ଏକ ସଦ୍ୟତମ ଉଦାହରଣ କୁହାଯାଇପାରେ। ସେହିପରି ଗାଡ଼ି ଚାଳକମାନେ ଯଥେଷ୍ଟ ଭାବରେ ନିଦ୍ରାରେ ଯାଉନଥିବାରୁ ଏହା ବି ଏକ କାରଣ। ସେହିପରି ମାତ୍ରାଧିକ ବେଗରେ ଗାଡ଼ି ଚାଳନା, ଯୁବକମାନଙ୍କ ଭିତରେ ଡେୟାର ଡ୍ରାଇଭିଂ, ବିନା ହେଲମେଟ ବ୍ୟବହାର, ବଡ଼ଯାନର ସିଟ ବେଲଟ୍ ବ୍ୟବହାର ନ ହେଉଥିବାର, ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ ନହୋଇଥିବାରୁ ଏହା ବି ଏକ ପ୍ରକାର କାରଣ। ତେବେ ଏ ନେଇ ସରକାରଙ୍କ ଉପରେ ସବୁଯାକ ଦୋଷ ଲଦିଲେ ଏପରି ଏକ ଉଦ୍‌ବେଗଜନକ ପ୍ରସଙ୍ଗର ଅନ୍ତଃ ଘଟିପାରିବ ନାହିଁ। ସର୍ବୋପରି ଆମ ସମସ୍ତଙ୍କର ସଚେତନତା ସୃଷ୍ଟି ପାଇଁ ସହଯୋଗର ହାତ ବଢ଼ାଇବା ବି ନିହାତି ଜରୁରୀ।

**—ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଉଦୟଗିରି, ଯାଜପୁର, ଦୂରଭାଷ : ୯୪୩୭୧୨୪୫୭୨**

## ଗଳ୍ପ ସଙ୍କଳନ 'ବନ୍ଧନର ବ୍ୟଥା' ଉନ୍ମୋଚିତ



ଭୁବନେଶ୍ୱର (ପିଏନ୍): ସେନାବାହିନୀର ଅବସରପ୍ରାପ୍ତ ସୁବେଦାର ମେଜର ଭରତ ଚନ୍ଦ୍ର ଜେନାଙ୍କ ରଚିତ ଦ୍ୱିତୀୟ ପୁସ୍ତକ "ବନ୍ଧନର ବ୍ୟଥା" ପୂଜ୍ୟପାଦ ପଦ୍ମଶ୍ରୀ ବାବା ବଳିଆଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ବନଫୁଲ ପ୍ରକାଶନ ଆନୁକୂଲ୍ୟରେ ପ୍ରକାଶିତ ଏହି ସଙ୍କଳନରେ ତିରିଶଟି ଗଳ୍ପ ସମାହିତ ହୋଇଅଛି। କବି ଦେବେନ୍ଦ୍ର ନାଥ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚିତ ସଭାରେ ପଦ୍ମଶ୍ରୀ ବାବା ବଳିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଡକ୍ଟର ତ୍ରିନାଥ ପଟ୍ଟନାୟକ ମୁଖ୍ୟବକ୍ତା ଓ ଡକ୍ଟର ତୋଫାନ ଜେନା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମେଜର ଜେନାଙ୍କ ରଚିତ ଗଳ୍ପଗୁଡିକରେ ସାମାଜିକ ଚେତନା ଏବଂ ବରିଷ୍ଠମାନଙ୍କୁ ଆଦର ଓ ସମ୍ମାନ ପ୍ରଦାନ କରିବାର ପ୍ରେରଣା ଭରି ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ପିନାକୀ ମିଶ୍ର ଯୋଗଦେଇ ମତବ୍ୟକ୍ତ କରିଥିଲେ ଯେ "ବନ୍ଧନର ବ୍ୟଥା" ପୁସ୍ତକର ଅପୂର୍ବ ସାମାଜିକ ଚେତନା ଓ ମୂଲ୍ୟବୋଧ ଉଦଯିବିତ ହୋଇଅଛି। ଡକ୍ଟର ଚିଦାନନ୍ଦ ସରସ୍ୱତୀ ମଞ୍ଚ ପରିଚାଳନା କରିଥିବା ବେଳେ କବି ସଞ୍ଜୟ କୁମାର ମଲ୍ଲିକ, ମନ୍ମଥନାଥ ବରାଳ, ଡକ୍ଟର ରତ୍ନାକର ମଲ୍ଲିକ, ଶୁଭାଂଶୁ ଦାସ, ସିଦ୍ଧାର୍ଥ ଶଙ୍କର ରାୟ, କୁଞ୍ଜବିହାରୀ ପାଣି, ଅମର ରାଉତ, ବିଧୁ ଭୂଷଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। କବୟିତ୍ରୀ ଆରତି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆ ଗର୍ଭପାତ ଆଇନ



ଗର୍ଭ ନଷ୍ଟ କରିବାର ସମୟ ସୀମାକୁ ଚାରି ସପ୍ତାହ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଗର୍ଭପାତ ସଂଶୋଧନ ବିଲ୍-୨୦୨୦ ଉପରେ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଛନ୍ତି। ସଂସଦର ଆଗାମୀ ଅଧିବେଶନରେ ଏହି ବିଲ ଉପସ୍ଥାପନ କରାଯିବ। ଏହାଫଳରେ ଆଗାମୀ ଦିନରେ ଜଣେ ଗର୍ଭବତୀ ମହିଳା ଚାହିଁଲେ ତାଙ୍କ ଗର୍ଭକୁ ୨୪ ସପ୍ତାହ ମଧ୍ୟରେ ନଷ୍ଟ କରିପାରିବେ। ଏଥିପାଇଁ କୌଣସି ଆଇନଗତ ପ୍ରତିବନ୍ଧକ ରହିବ ନାହିଁ। ତେବେ ଏହି ୨୪ ସପ୍ତାହର ସମୟସୀମା କେବଳ ବିଶେଷ କ୍ଷେତ୍ରରେ ଲାଗୁ ହେବ। ଦୁଷ୍କର୍ମ ପୀଡ଼ିତା, ରୋଗଗ୍ରସ୍ତ ମହିଳା ଓ ଅବାଞ୍ଛିତ ଗର୍ଭଧାରଣକୁ ନଷ୍ଟ କରିବା ପାଇଁ ଏହି ସଂଶୋଧନ ଅଣାଯାଇଛି। ପୂର୍ବରୁ ଗର୍ଭ ନଷ୍ଟ କରିବାର ଆଇନଗତ ସମୟସୀମା ୨୦ ସପ୍ତାହ ରହିଥିଲା। ବୁଧବାରର କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି କି ମେଡ଼ିକାଲ ଟର୍ମିନେସନ ଅଫ ପ୍ରେଗନାନ୍ସି ସଂଶୋଧନ ବିଲ ୨୦୨୦କୁ କ୍ୟାବିନେଟ ଅନୁମୋଦନ ମିଳିଛି। ଫଳରେ ୧୯୭୧ ମସିହା ମେଡ଼ିକାଲ ଟର୍ମିନେସନ ଅଫ ପ୍ରେଗନାନ୍ସି ଆଇନରେ ସଂଶୋଧନ କରିବାର ରାସ୍ତା ସଫା ହୋଇଛି। ଏହି ବିଲକୁ ସଂସଦର ଆଗାମୀ ଅଧିବେଶନରେ ଉପସ୍ଥାପନ କରାଯିବ। ଏହି ବିଲ ଗୃହୀତ ହେଲେ ମହିଳାମାନେ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କରିବାକୁ ଆଇନଗତ ଭାବେ ଅଧିକାର ପାଇବେ। ତେବେ ଏହା ପୂର୍ବରୁ ୨ଜଣ ଡାକ୍ତରଙ୍କ ଅନୁମତି ନେବାକୁ ପଡ଼ିବ। ଏହି ଦୁଇ ଡାକ୍ତରଙ୍କ ମଧ୍ୟରୁ ଜଣେ ସରକାରୀ ଡାକ୍ତର ହୋଇଥିବା ଦରକାର। ସୂଚନାଯୋଗ୍ୟ କି ୨୦ ସପ୍ତାହ ମଧ୍ୟରେ ଗର୍ଭପାତ କରାଯିବାବେଳେ ପ୍ରସୂତୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ତେବେ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କଲେ ଏହା ସୁରକ୍ଷିତ ହୋଇପାରିବ ବୋଲି କୁହାଯାଉଛି। ଏହି ସଂଶୋଧିତ ବିଲ ଫଳରେ ଦୁଷ୍କର୍ମ ପୀଡ଼ିତା ଓ ନାବାଳିକା ଗର୍ଭବତୀଙ୍କୁ ଉପଯୁକ୍ତ ନ୍ୟାୟ ମିଳିପାରିବ। ଅନେକ ସମୟରେ ବେଆଇନ ଭାବେ ଲୁଚାଛପାରେ ଅନଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଗର୍ଭପାତ କରାଯାଉଥିବାରୁ ଜଣେ ଯୁବତୀ ପରବର୍ତ୍ତୀ ସମୟରେ ମା'ହୋଇ ପାରୁନାହାନ୍ତି। ତେଣୁ ଏହି ନୂଆ ଆଇନ ଫଳରେ ଏବେ ଏହି ବିପଦ ମଧ୍ୟ ଆଉ ରହିବନାହିଁ। ସୂଚନାଯୋଗ୍ୟ କି ଗତବର୍ଷ ଗର୍ଭପାତ ସମୟସୀମା ବୃଦ୍ଧି କରିବା ପାଇଁ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏହି ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀ ହାଇକୋର୍ଟଙ୍କୁ କୁହାଯାଇଥିଲା କି ଗର୍ଭପାତ ସମୟସୀମାକୁ ୨୦ ସପ୍ତାହରୁ ୨୪ କିମ୍ବା ୨୬ ସପ୍ତାହ କରିବା ପାଇଁ ବିଚାରବିମର୍ଶ ଆରମ୍ଭ କରାଯାଉଛି। ଅମିତ ଶାହିନ ନାମକ ଯୁବକ ତାଙ୍କ ଜନସ୍ୱାର୍ଥ ମାମଲାରେ କହିଥିଲେ ଯେ ମହିଳାମାନେ ଗର୍ଭଧାରଣ ପରେ ସମାଜରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯେଉଁଭଳି ଭାବେ ଗର୍ଭ ଧାରଣର କ୍ଷମତା ମହିଳାଙ୍କ ପାଖରେ ରହିଛି, ଠିକ୍ ସେହିପରି ଗର୍ଭ ନଷ୍ଟ କରିବାର କ୍ଷମତା ମଧ୍ୟ ମହିଳାଙ୍କ ପାଖରେ ରହିବା ଦରକାର ବୋଲି ସେ ଯୁକ୍ତି ବାଢ଼ିଥିଲେ। ସୂଚନାଯୋଗ୍ୟ କି ନେପାଳ, ଫ୍ରାନ୍ସ, ଇଂଲଣ୍ଡ, ଅଷ୍ଟ୍ରିଆ, ଇଥିଓପିଆ, ଇଟାଲୀ, ସ୍ପେନ, ଆଇସଲ୍ୟାଣ୍ଡ, ନରୱେ, ଫିନଲ୍ୟାଣ୍ଡ, ସ୍ୱିଡ଼େନ ଓ ସ୍ୱିଜରଲ୍ୟାଣ୍ଡ ଭଳି ଦେଶର ଗର୍ଭପାତ କରିବାର ସମୟସୀମା ୨୦ ସପ୍ତାହରୁ ଅଧିକ ରହିଛି। ସେହିପରି ଡ଼େନମାର୍କ, ଘାନା, କ୍ୟାନାଡା, ଜର୍ମାନୀ, ଭିଏତନାମ ଓ ଜିମ୍ବାୱେ ଭଳି ଦେଶରେ ଯେ କୌଣସି ସମୟରେ ଗର୍ଭପାତ କରିବାକୁ ଅନୁମତି ଦିଆଯାଇଛି।

ଗର୍ଭାବସ୍ଥାର କିଛି ସପ୍ତାହ ମଧ୍ୟରେ ଭ୍ରୁଣକୁ ନଷ୍ଟ କରାଯିବା ପ୍ରକ୍ରିୟାକୁ କୁହାଯାଏ ଗର୍ଭପାତ । ଭାରତରେ ପ୍ରଚଳିତ ଏମଟିପି ଆକ୍ଟ ଅନୁଯାୟୀ କେଉଁ ପରିସ୍ଥିତିରେ ଗର୍ଭପାତ ହୋଇପାରିବ, କିଏ ଗର୍ଭପାତ କରିବେ ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ଗାଇଡ଼ ଲାଇନ ଓ ସର୍ତ୍ତ ବ୍ୟବସ୍ଥା ରହିଛି । ତଥାପି ଅଜ୍ଞତାବଶତଃ ବହୁ ମହିଳା ବିନା ଡାକ୍ତରୀ ପରାମର୍ଶରେ ଅସୁରକ୍ଷିତ ଉପାୟରେ ଗର୍ଭପାତ କରୁଛନ୍ତି। ଯାହାଦ୍ୱାରା କେତେକ କ୍ଷେତ୍ରରେ ଗର୍ଭସ୍ଥ ଶିଶୁସହ ମାଆର ବି ମୃତ୍ୟୁ ହୋଇଥାଏ। ମାତୃତ୍ୱର ପ୍ରଥମ ପର୍ଯ୍ୟାୟ ହେଉଛି ଗର୍ଭାବସ୍ଥା। କୁହାଯାଏ ଯେ ଗର୍ଭାବସ୍ଥାରେ ନାରୀଟିର ମୁହଁରୁ ମାତୃତ୍ୱର ଆଭା ଖୁବ୍ ସୁନ୍ଦର ଭାବରେ ଫୁଟି ଉଠୁଥାଏ । କିନ୍ତୁ ଆମ ଦେଶରେ ଏହି ମାତୃତ୍ୱର ପ୍ରଥମ ପର୍ଯ୍ୟାୟଟିରେ ହିଁ ଲକ୍ଷ ଲକ୍ଷ ମହିଳା ସବୁଦିନ ପାଇଁ ଆଖି ବୁଜିଥାନ୍ତି। ପ୍ରାକୃତିକ ଭାବେ ଯଥା ଶାରୀରିକ ଅସୁସ୍ଥତା, ଦୂରଯାତ୍ରା, ଭାରୀ ଓଜନ ଉଠାଇବା ଇତ୍ୟାଦି କାରଣରୁ ମିସ୍‌କ୍ୟାରେଜ୍ ହୋଇଥାଏ। ଆଉ କେତେକ କ୍ଷେତ୍ରରେ ଗର୍ଭବତୀ ମହିଳାର ଶାରୀରିକ ସ୍ଥିତି ଓ ଅବସ୍ଥାକୁ ଲକ୍ଷ୍ୟ କରି ଡାକ୍ତରଙ୍କ ପରାମର୍ଶରେ ହିଁ ଗର୍ଭସ୍ଥ ଭ୍ରୁଣଟିର ନଷ୍ଟ କରାଯାଇଥାଏ। ଏହା ବ୍ୟତୀତ ଆଉ କେତେକ କାରଣ ଯଥା ଗର୍ଭଧାରଣ ଯୋଗୁଁ ଗର୍ଭବତୀଙ୍କ ଜୀବନ ପ୍ରତି ବିପଦ ଥିଲେ ଶିଶୁଟିର ଜନ୍ମ ପରେ ବିକଳାଙ୍ଗ ହେବାର ଆଶଂକା ଥିଲେ ବା କେତେକ କ୍ଷେତ୍ରରେ ଗର୍ଭରେ ଥିବା ଏକରୁ ଅଧିକ ପିଲାର କାରଣରୁ ଡାକ୍ତରଙ୍କ ପରାମର୍ଶରେ ଗର୍ଭପାତ କରାଯାଇଥାଏ। ଯାହାକୁ ଥେରାପେଟିକ୍ ଆବର୍ସନ କୁହାଯାଏ। ସେହିପରି କେତେକ ମହିଳାଙ୍କ କ୍ଷେତ୍ରରେ ଗର୍ଭନିରୋଧକ ବ୍ୟବସ୍ଥା ବିଫଳ ହେଲେ ଇତ୍ୟାଦି କାରଣରୁ ଗର୍ଭପାତ କରାଯାଇଥାଏ, ଯାହାକୁ ଇଲେକ୍‌ଟିଭ୍ ଆବର୍ସନ କୁହାଯାଏ।

୧୯୭୫ ମସିହାରେ ଭାରତ ସରକାରଙ୍କ ଦ୍ୱାରା ମେଡ଼ିକାଲ ଟର୍ମିନେସନ୍ ଅଫ୍ ପ୍ରେଗେନାନ୍ସି ବା ଏମଟିପି ଆକ୍ଟ କାର୍ଯ୍ୟକାରୀ ହେଲା। ଗର୍ଭବତୀ ମହିଳା କିମ୍ବା ଗର୍ଭସ୍ଥ ଶିଶୁର ଜୀବନ ହାନି ପରି ପରିସ୍ଥିତି ଉପୁଜିଲେ ଗର୍ଭପାତ କରାଯାଇଥାଏ । ସେହିପରି ଅଲଟ୍ରା ସାଉଣ୍ଡ ରିପୋର୍ଟରେ ଗର୍ଭସ୍ଥ ଶିଶୁଟି ଯଦି ବିକଳାଙ୍ଗ ବୋଲି ଜଣାପଡ଼େ କିମ୍ବା ଧର୍ଷଣର ଶିକାର ଦ୍ୱାରା ଗର୍ଭବତୀ କାରଣ, ଅପରିପକ୍ୱ ବାଳିକାଙ୍କ କ୍ଷେତ୍ରରେ ଏହିପରି କିଛି କାରଣକୁ ନେଇ ସାମାଜିକ ଦୃଷ୍ଟିକୋଣରୁ ଗର୍ଭପାତ ଆଇନ ସମ୍ମତ । ତେବେ ଏ କ୍ଷେତ୍ରରେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ହିଁ ସବୁ ଦିଗରୁ ବିଚାର କରି ନିଷ୍ପତ୍ତି ନେଇଥାନ୍ତି । ଗର୍ଭନିରୋଧ ବ୍ୟବସ୍ଥା ବିଫଳ ହେଲେ ବାର ସପ୍ତାହ ମଧ୍ୟରେ ଗର୍ଭପାତ କରାଯାଇଥାଏ । କେତେକ ସ୍ୱତନ୍ତ୍ର କ୍ଷେତ୍ରରେ ବାରରୁ କୋଡିଏ ସପ୍ତାହ ମଧ୍ୟରେ ଗର୍ଭପାତ ଆଇନ ସମ୍ମତ ହୋଇଥାଏ । ଜୀବନ ପ୍ରତି ବିପଦ ଥିବା କାରଣରୁ ଏହି ସମୟରେ ଗର୍ଭପାତ ନିହାତି ଆବଶ୍ୟକ ହୋଇଥାଏ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ, ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ପଚିଶ ପ୍ରତିଶତ ଗର୍ଭବତୀଙ୍କ ଗର୍ଭାବସ୍ଥାରେ ହିଁ ମୃତ୍ୟୁ ହୋଇଥିବାବେଳେ ସଂକ୍ରମଣ କାରଣରୁ ପନ୍ଦର ପ୍ରତିଶତ, ଅସୁରକ୍ଷିତ ଗର୍ଭପାତ କାରଣରୁ ତେର ପ୍ରତିଶତ, ଅସହ୍ୟ ପ୍ରସବ ବେଦନା ପାଇଁ ଆଠ ପ୍ରତିଶତ, ଏକ୍ଲାମ୍ପସିଆ କାରଣରୁ ବାର ପ୍ରତିଶତ, ଅନ୍ୟାନ୍ୟ ପରିପାର୍ଶ୍ୱିକ କାରଣ ପାଇଁ ଆଠ ପ୍ରତିଶତ ଓ ପରୋକ୍ଷ କାରଣ ପାଇଁ ଉଣେଇଶ ପ୍ରତିଶତ ଗର୍ଭବତୀ ଆଖି ବୁଜିଥାନ୍ତି । ଏକ ରିପୋର୍ଟର ତଥ୍ୟ ଅନୁଯାୟୀ ପ୍ରତିବର୍ଷ ସାରା ବିଶ୍ୱରେ ପାଖାପାଖି କୋଡିଏ ନିୟୁତ ଅସୁରକ୍ଷିତ ଗର୍ଭପାତ ହୋଇଥାଏ । ଏହା ମଧ୍ୟରୁ ସତାନବେ ପ୍ରତିଶତ ବିକାଶୋନ୍ମୁଖୀ ଦେଶମାନଙ୍କରେ ହୋଇଥାଏ । ଯାହାଦ୍ୱାରା ପ୍ରତିବର୍ଷ ଅନୁନ୍ୟ ଅଢ଼ଷଠି ହଜାର ମହିଳାଙ୍କ ମୃତ୍ୟୁ ହୋଇଥାଏ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ସାରା ବିଶ୍ୱରେ ଯେତେ ମାତୃମୃତ୍ୟୁ ହାର ହେଉଛି ସେଥିମଧ୍ୟରୁ ତେର ପ୍ରତିଶତ ଅସୁରକ୍ଷିତ ଗର୍ଭପାତ ଯୋଗୁଁ ହୋଇଥାଏ । ସେହିପରି ପାଞ୍ଚ ନିୟୁତ ମହିଳା ଶାରୀରିକ ତଥା ମାନସିକ ଭାବେ ଭିନ୍ନକ୍ଷମ ପାଲଟି ଯାଉଛନ୍ତି।

ସ୍ୱାସ୍ଥ୍ୟ, ଶିକ୍ଷାର ଅଭାବ, ଜନ୍ମ ନିୟନ୍ତ୍ରଣ ତଥା ଅନୁନ୍ନତ ସ୍ୱାସ୍ଥ୍ୟ ସେବା ଗର୍ଭପାତ ଦ୍ୱାରା ହେଉଥିବା ମୃତ୍ୟୁର ପ୍ରମୁଖ କାରଣ । ସେହିପରି ଗର୍ଭପାତକୁ ଆଇନ ସମ୍ମତ କରାନଯିବା ଯୋଗୁଁ ମଧ୍ୟ ସମସ୍ୟା ଦେଖାଯାଇଥାଏ । ଯେଉଁ ଦେଶ ମାନଙ୍କରେ ଗର୍ଭପାତକୁ ଆଇନତଃ ସ୍ୱୀକୃତି ମିଳିନାହିଁ ସେଠାରେ ଅଧିକ ପରିମାଣରେ ଅସୁରକ୍ଷିତ ଗର୍ଭପାତ କରାଯାଉଥିବାର ଜଣାଯାଏ । ସେହିପରି ଅନେକ ସମୟରେ ଗର୍ଭନିରୋଧ ବଟିକାର ବ୍ୟବହାର ସମ୍ପର୍କରେ ନ ଜାଣିବା ଅସୁରକ୍ଷିତ ଗର୍ଭପାତର କାରଣ ପାଲଟିଥାଏ । ଏକ ରିପୋର୍ଟର ତଥ୍ୟ ଅନୁଯାୟୀ ଆଧୁନିକ ପରିବାର ନିୟନ୍ତ୍ରଣ ଓ ଗର୍ଭବତୀ ମାନଙ୍କୁ ଚିକିତ୍ସା ସୁବିଧା ପ୍ରଦାନ କରାଗଲେ ଗର୍ଭପାତ ଜନିତ ମୃତ୍ୟୁହାରକୁ ବାର୍ଷିକ ପାଖାପାଖି ୭୫ପ୍ରତିଶତ କମାଇ ଦିଆଯାଇପାରନ୍ତା । ଗର୍ଭପାତ ଶାରୀରିକ ସମସ୍ୟା ଓ ଗର୍ଭସ୍ଥ ଶିଶୁପାଇଁ ବିପଦର କାରଣ ଥିଲେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞମାନେ ସବୁ ଦିଗକୁ ବିଚାର କରି ଗର୍ଭପାତ କରିଥାନ୍ତି । ତେବେ ଗର୍ଭପାତ ପାଇଁ ମନ ନବଳାଇ ବରଂ ସୁରକ୍ଷିତ ଶିଶୁଟିକୁ ନୂତନ ଆଲୋକ ଦେଖାଇବା ପାଇଁ ଗର୍ଭବତୀମାନେ ନିଜକୁ ପ୍ରସ୍ତୁତ କରିବା ଉଚିତ।

**ଡାକ୍ତର କାନ୍ତୀ ନାୟକ, ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ, ଦୂରଭାଷ: ୯୪୩୭୬୬୬୪୫୩**

## 'ପ୍ରୟାସ' ଅନୁଷ୍ଠାନ ପକ୍ଷରୁ ଅବଦୁଲ କାଲାମଙ୍କ ୯୧ତମ ଜୟନ୍ତୀ ପାଳିତ

ଦର୍ପଣ (ପିଏନ)–ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରୟାସ' ଅନୁଷ୍ଠାନ ପକ୍ଷରୁ ଗତ ଶନିବାର ବଡ଼ଚଣା ବ୍ଲକ ଖଣ୍ଡିଆବନ୍ଧ ଗ୍ରାମରେ ମିସାଇଲ ମ୍ୟାନ ଡକ୍ଟର ଏପିଜେ ଅବଦୁଲ କାଲାମଙ୍କ ୯୧ତମ ଜୟନ୍ତୀ ପାଳିତ ହୋଇଯାଇଛି. ୨୦୦୩ ମସିହା ମେ ମାସ ୧୫ ତାରିଖରେ ପୂର୍ବତମ ରାଷ୍ଟ୍ରପତି ଡକ୍ଟର ଏପିଜେ ଅବଦୁଲ କାଲାମ ବଡ଼ଚଣା ବ୍ଲକ ଭୂଷଣ୍ଡପୁର ପଂଚାୟତର ୩ଟି ଗ୍ରାମ ଖଣ୍ଡିଆବନ୍ଧ,ରାଣୀବନ୍ଧୀ ଓ ଅକବରାବାଦ ଗ୍ରାମକୁ ଆସି ଗରିବ ଆଦିବାସୀଙ୍କ ଉପଲକ୍ଷେ ୨୦୦ରୁ ଉର୍ଦ୍ଧ୍ୱ ବାସଗୃହକୁ ଲୋକାର୍ପଣ କରିଥିଲେ। ସେହି କଥାକୁ ମନେରଖିବା ପାଇଁ ପ୍ରତିବର୍ଷ 'ପ୍ରୟାସ' ଅନୁଷ୍ଠାନ ପକ୍ଷରୁ ତାଙ୍କର ଜନ୍ମ ଦିନକୁ ପାଳନ କରାଯାଇଆସୁଛି। ଏହି ଉପଲକ୍ଷେ ଏକ ସଭାରେ ପ୍ରୟାସର ସଭାପତି ଆଇନଜୀବୀ ଆଶିଷ କୁମାର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଭାରତ ଭୂଷଣ ପଣ୍ଡା ସଭାକୁ ସଂଚାଳନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ.ମୁଖ୍ୟଅତିଥି ଭାବେ ଭୂଷଣ୍ଡପୁର ପଂଚାୟତ ସରପଂଚ ଯଯାତି କେଶରୀ ରାଉତ ଯୋଗ ଦେଇ କାଲାମଙ୍କ ନୀତି ଆଦର୍ଶ ଉପରେ ଆଲୋକପାତ କରିବା ସହ କାଲାମଙ୍କ ଜନ୍ମ ଦିନ ପାଳନ କରିବା ଆମ ପାଇଁ ଏକ ଗୌରବର ବିଷୟ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଶିବରାମ ସାହୁ ଯୋଗଦେଇ ପ୍ରୟାସର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଆଜିର ଯୁବ ପିଢ଼ି ଡକ୍ଟର କାଲାମଙ୍କ ସରଳ ଜୀବନାଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଜଗନ୍ନାଥ ମୁଦୁଲି,ନାଏବ ସରପଂଚ ରଶ୍ମିତା ବରାଳ, ଅଧ୍ୟାପକ ସଲିଲ ରାଜନନ୍ଦନ ମହାନ୍ତି,ଆଇନଜୀବୀ ଦେବରାଜ ବେହେରା,ଆଇନଜୀବୀ ପ୍ରକାଶ ଚନ୍ଦ୍ର ଦାସ,ସାମ୍ବାଦିକ ମୋହନ ଖିଲାର,ପ୍ରସନ୍ନ ବିଶ୍ୱାଳ ଓ ସମାଜସେବୀ ଅଭିମନ୍ୟୁ ଧଳ ପ୍ରମୁଖ ଯୋଗଦେଇ ନିଜନିଜ ବକ୍ତବ୍ୟରେ କାଲାମଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। ପାରମ୍ଭରେ ଅତିଥି ମାନେ କାଲାମଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସହ ସମ୍ପାଦକ ପ୍ରତାପ ଗୋଛାୟତ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ସଭ୍ୟ ବସନ୍ତ ପଲେଇ ଓ ମୋହନ ମହାରଣା ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା କରିଥିବା ସମାଜସେବୀ ସୁରେଶ ଚନ୍ଦ୍ର ବିଶ୍ୱାଳ,ବରିଷ୍ଠ ସାମ୍ବାଦିକ ଆଇନଜୀବୀ ପ୍ରଦୀପ୍ତ କୁମାର ପରିଡା ଓ ସମାଜସେବୀ ତଥା ନେସନର ସମ୍ପାଦକ ପ୍ରଦ୍ୟୁମ୍ନ ପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ,ଫୁଲତୋଡ଼ା ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ପ୍ରୟାସର ବରିଷ୍ଠ ସଭ୍ୟ ହେମେଶ ଜେନା,ମକରଧ୍ୱଜ ଦାସ, କୋଷାଧକ୍ଷ ଅମୀୟ ମହାରଣା, ଭବତୋଷ ବିଶ୍ୱାଳ,ସୁଶାନ୍ତ ନାୟକ,ଦିଲୀପ କୁମାର ସାହୁ,ମାନସ ରାଉତ, ରାଜେନ୍ଦ୍ର ନାୟକ, ବିଶ୍ୱଜିତ ବରାଳ, ପ୍ରମୋଦ କୁମାର ମହାପାତ୍ର,ବିଶ୍ୱରଂଜନ ସ୍ୱାଇଁ,କ୍ଷେତ୍ରବାସୀ ସାମଲ,ପ୍ରଶାନ୍ତ ସାମଲ, ଉତ୍କଳ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ପ୍ରୟାସର ବରିଷ୍ଠ ସଭ୍ୟ ସୁରେନ୍ଦ୍ର ନାଥ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳନାରେ ଆଇସକ୍ରିମ ପାର୍ଲର ଓ ଏଗ୍ରିମଲର ଲୋକାର୍ପଣ କଲେ ଜିଲ୍ଲାପାଳ

ସୁବର୍ଣ୍ଣପୁର, (ପି.ଏନ): ଏକ ଜିଲ୍ଲା ଏକ ଉତ୍ପାଦ ଭିତିରେ ସୁବର୍ଣ୍ଣପୁର ଜିଲ୍ଲାରେ ଆମ୍ବ ଚାଷ ଓ ଆମ୍ବ ଉତ୍ପାଦନକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି। ଚଳିତ ବର୍ଷ ଜିଲ୍ଲାରେ ୨୦,୦୦୦ ମେଟ୍ରିକ ଟନ ଆମ୍ବ ଉତ୍ପାଦନ କରାଯାଇ ତାର ସଫଳ ପ୍ରକ୍ରିୟାକରଣ ପୂର୍ବକ ଆମ୍ବ ଆଇସକ୍ରିମ ପ୍ରସ୍ତୁତ କରାଯାଇ ଏକ ସୁ-ବ୍ୟବସ୍ଥିତ ଢଙ୍ଗରେ ବଜାରୀକରଣ କରାଯାଇ ପାରିଛି। ଏହାକୁ ସଫଳ ଏବଂ ଭବିଷ୍ୟତ ଦୃଢ଼ୀଭୂତ ବଜାର ନିମନ୍ତେ ଜିଲ୍ଲା ମିଶନ ଶକ୍ତି ଦ୍ୱାରା ଗଠିତ ସୁବର୍ଣ୍ଣା ଶ୍ରୀ ଉତ୍ପାଦକ କମ୍ପାନୀ ତତ୍ତ୍ୱାବଧାନରେ ରାଧାକୃଷ୍ଣ ମହିଳା ଗୋଷ୍ଠୀ ଦ୍ୱାରା ଆମ୍ବ ଆଇସକ୍ରିମର ସଫଳ ବଜାରୀକରଣ ନିମନ୍ତେ ଆବଶ୍ୟକ ସୁବ୍ୟବସ୍ଥା ଓ ପରିଚାଳନା କରାଯାଉଛି। ପୁନଶ୍ଚ ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ସହ ଜିଲ୍ଲାରେ ମା ମାନଙ୍କୁ ଆର୍ଥିକ ସମୃଦ୍ଧି ତଥା ଆତ୍ମନିର୍ଭର ଲକ୍ଷ୍ୟରେ ଆଜି ସୋନପୁର ସହର ସ୍ଥିତ ବ୍ଲକ ମିଶନ ଶକ୍ତି ଗୃହ ଠାରେ ଏକ ବ୍ୟବସ୍ଥିତ ଆଇସକ୍ରିମ ପାର୍ଲର ସର୍ବ ସାଧାରଣଙ୍କୁ ଉପଲବ୍ଧ କରାଇବା ନିମନ୍ତେ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅବୋଲି ସୁନୀଲ ନରୱଣେଙ୍କ କରକମଳରେ ଉଦଘାଟନ ହୋଇଯାଇଛି। ଏହି ଆଇସକ୍ରିମ ପାର୍ଲରରେ ଶତ ପ୍ରତିଶତ ପ୍ରାକୃତିକ ପ୍ରସ୍ତୁତ ଷ୍ଟ୍ରବେରୀ, ଗୁଆଭା, କଷ୍ଟାର୍ଡ ଓ ଆମ୍ବ ର ସମସ୍ତ ପ୍ରକାରର ଆଇସକ୍ରିମ ସୁଲଭ ମୂଲ୍ୟରେ ଉପଲବ୍ଧ ରହିଛି। ପୁନଶ୍ଚ ଜିଲ୍ଲାର ଜନସାଧାରଣଙ୍କୁ କୃଷିଜାତ ଦ୍ରବ୍ୟରୁ ପ୍ରସ୍ତୁତ ଶତ ପ୍ରତିଶତ ପ୍ରାକୃତିକ ଉତ୍ପାଦର ଉପଲବ୍ଧତା ତଥା ଜିଲ୍ଲାର କୃଷକ ଓ କୃଷି ଉତ୍ପାଦକଙ୍କୁ ବ୍ୟବସ୍ଥିତ ଓ ସୁନିର୍ଶ୍ଚିତ ବଜାରୀକରଣ ନିମନ୍ତେ ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ଆଜି ସ୍ଥାନୀୟ ସୁରେଶ୍ୱରୀ ମନ୍ଦିର ପ୍ରବେଶ ପଥ ସମ୍ମୁଖ ପାଖରେ ଜିଲ୍ଲା ଓରମାସ ଏବଂ ମିଶନ ଶକ୍ତିର ଏଗ୍ରି ମଲ କୁ ମଧ୍ୟ ଜିଲ୍ଲାପାଳ ଉଦଘାଟନ କରି ଲୋକାର୍ପଣ କରିଛନ୍ତି। କୃଷିଜାତରୁ ପ୍ରସ୍ତୁତ ଉତ୍ପାଦ ଜିଲ୍ଲାର ଅନ୍ୟ ମାନଙ୍କୁ ରୋଜଗାର ଓ ଆର୍ଥିକ ସ୍ୱଚ୍ଛଳ କରିବା ସହ ପ୍ରେରଣାଦାୟୀ ହୋଇପାରିବ।

ଏହି ଉଦଘାଟନ ଅବସରରେ ସିଡିଓ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ନିହାର ରଞ୍ଜନ କହଁର, ଜିଏମଡିଆଇସି ବଳଭଦ୍ର ନାୟକ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଷିକେଶ ଦାଶ, ଡେପୁଟି ସି ଇ ଓ ଓରମାସ ଯୁବରାଜ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡି ପି ଏମ ଫ୍ରାନସିସ ଲାକ୍ରା, ଓଡିପିସି ମିଶନ ଶକ୍ତି କାର୍ତିକ ଚନ୍ଦ୍ର ନାୟକ ତଥା ଜିଲ୍ଲା ଉତ୍ପାଦକ ଗୋଷ୍ଠୀ ସୁବର୍ଣ୍ଣାଶ୍ରୀ, ବି ଏଲ ଏଫ ଓ ରାଧାକୃଷ୍ଣ, ଏସଏଚଜିର ସଦସ୍ୟା ବୃନ୍ଦ ଉପସ୍ଥିତ ଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ମହିଳା ଆଇନଜୀବୀଙ୍କ ଦ୍ୱାରା ମହିଳାମାନେ ନ୍ୟାୟ ପାଇବେ




ଭୁବନେଶ୍ୱର,୬/୩ : ଅଲ ଓମେନ୍ସ ଆଡଭୋକେଟ୍ ଫୋରମ ଏବଂ ଆଖିଲ ଭାରତୀୟ ସଂଯୁକ୍ତ ଅଧିବକ୍ତା ମଂଚ ମିଳିତ ଅନୁକୂଳରେ ଆର୍ନ୍ତଜାତୀୟ ମହିଳା ଦିବସ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫୋରମର ଅଧକ୍ଷା ହରପ୍ରିୟା ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ରାଜ୍ୟ ମାନବ ଅଧିକାର କମିସନ ସଦସ୍ୟ ଅଶୀମ ଅମିତାଭ ଦାସ, ସମ୍ମାନୀତ ଅତିଥି ଭାବେ ସାଂସଦ ସୁଲତା ଦେଓ, ଆଖିଲ ଭାରତୀୟ ସଂଯୁକ୍ତ ଅଧିବକ୍ତା ମଂଚର ଗୋହାଟିର ଡ. ନର୍ମତା ଶର୍ମା, ପ୍ରମୁଖ ଯୋଗ ଦେଇଥିଲେ। ମହିଳା ଆଇନଜୀବୀମାନେ ଉଦ୍ୟମ କଲେ ସବୁ ମହିଳା ନ୍ୟାୟ ପାଇବେ। ତେବେ ନ୍ୟାୟ ପାଇଁ ମହିଳା ଆଇନଜୀବୀଙ୍କ କାର୍ଯ୍ୟ ପଂଶସନୀୟ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଓଟିଡିସି ଅଧକ୍ଷ ଲେନିନ୍ ମହାନ୍ତି, ଡ ଲକ୍ଷ୍ମୀଧର ସାହୁ, ଡ. ଜିତେନ୍ଦ୍ର ରାଉତ, ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ, ଦିପକ ନରେନ୍ଦ୍ର, ଜଗନ୍ନାଥ ଦାସ, ରବି ନାରାୟଣ ସାମନ୍ତରାୟ, ରାଜ୍ କିଶୋର ଦାସ, ଆଇନଜୀବୀ ଲିଙ୍ଗରାଜ ସାହୁ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ଅଟଳ କର୍ମଜୀବୀ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଝାଡ଼ଖଣ୍ଡର ଝୁନିକ୍ ବାନାର୍ଜି, ମିତାଳି ଜେଠୀ, ଡ ସରୋଜିନୀ ଜୋଷି, ଡ ରମା ଦ୍ୱିବେଦୀ, ଡ ନର୍ମତା ଶର୍ମା, ସୁଷମା ନନ୍ଦ, ହରପ୍ରୀୟା କୁମାରୀ ସମେତ ବହୁ ମହିଳାଙ୍କୁ ଜଗଜିତା ନାରୀ ଓ ୟୁତ୍ ଆଚିଭର ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ମନପ୍ରୀତ ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜଶସ୍ୱୀ ପ୍ରୀୟଦର୍ଶନୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ଶତାଧିକ ଆଇନଜୀବୀ ସାମିଲ ହୋଇଥିଲେ ।

# କେନ୍ଦ୍ରାପଡ଼ା ନବୋଦୟ ବିଦ୍ୟାଳୟ ପୁରାତନ ଛାତ୍ର ସଂଗଠର ନିର୍ବାଚନ

ଭୁବନେଶ୍ୱର,୬।୩(ପି.ଏନ): କେନ୍ଦ୍ରାପଡ଼ା ନବୋଦୟ ପୁରାତନ ଛାତ୍ର ସଂଗଠନ ର ନିର୍ବାଚନ ଅନଲାଇନ୍ ମୋଡ଼ ରେ ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହୋଇଛି ଏବଂ ୨୦୨୩-୨୫ କାର୍ଯ୍ୟ ବର୍ଷ ପାଇଁ ବିଭିନ୍ନ ପଦବୀ ର ଦାୟିତ୍ୱ ବିଭିନ୍ନ ପୁରାତନ ଛତ୍ର ସଂଗଠନ ର ସଦସ୍ୟ ମାନେ ନିଜ କାନ୍ଧ କୁ ନେଇଛନ୍ତି ।ସଂଗଠନ ର ସଭାପତି ଭାବେ ଅନିଲ ମିଶ୍ର , ଉପସଭାପତି ଭାବେ ବିଶ୍ୱବିଜୟୀ ପରିଡ଼ା ଏବଂ ବିଦ୍ୟାରାଜ୍ ମିଶ୍ର, ସମ୍ପାଦକ ଭାବେ ରାହୁଲ ବିଶ୍ୱାଳ, ସେହିପରି ଯୁଗ୍ମ ସମ୍ପାଦକ ଭାବେ ସୁଭ୍ରଜିତ୍ ଆଚାର୍ଯ୍ୟ ଏବଂ ଅଭିଷେକ ସାହୁ, କୋଷାଧ୍ୟକ୍ଷ ଭାବେ ବି କେ ପରତିର୍ଥ ଏବଂ ଯୁଗ୍ମ କୋଷଧ୍ୟକ ଭାବେ ଦେବାଶିଷ ପରିଡ଼ା ଏବଂ ସୁଭ୍ରଜ୍ୟୋତି ପ୍ରଧାନ ଏବଂ ଡିଜିଟାଲ ମିଡିଆ ପ୍ରତିନିଧି ଭାବେ ସମ୍ମିତ କୁମାର ବେହେରା ନିର୍ବାଚିତ ହୋଇଛନ୍ତି ।ଶପଥ ଗ୍ରହଣ ପରେ ନୂଆ କର୍ମକର୍ତ୍ତା ଙ୍କ ମଧ୍ୟ ରେ ବୈଠକ ଅନୁଷ୍ଠିତ ହୋଇଛି ଏଥିରେ ବିଭିନ୍ନ ଉନ୍ନତି ମୂଳକ ବିଷୟ ରେ ଆଲୋଚନା ହୋଇଛି ଏବଂ ସଂଗଠନ ର ଉନ୍ନତି ସହ ସମାଜ ପାଇଁ ଥିବା କର୍ତ୍ତବ୍ୟ କୁ ଗୁରୁତ୍ୱ ଦିଆ ଯାଇଛି । ରାକେଶ ଦାସ, ଉଦୟଭାନୁ ରାଉତ ଏବଂ ଲିୟାକତ୍ ଅଲ୍ଲୀ ସମସ୍ତ କାର୍ଯ୍ୟ ପ୍ରକ୍ରିୟା ତୁଲାଇବା ରେ ମୂଳ ଭୂମିକା ଗ୍ରହଣ କରିଥିଲେ ସଭାପତି ଶ୍ରୀ ଅନିଲ ମିଶ୍ର ସମସ୍ତଙ୍କୁ ଆହ୍ୱାନ ଏବଂ ଅନୁରୋଧ କରିଛନ୍ତି, ସମସ୍ତେ ଏକାଠି ହୋଇ ନବୋଦୟ ସଂଗଠନ କୁ ଅଗକୁ ନେବା ଏବଂ ସମାଜ ପାଇଁ ଥିବା କର୍ତ୍ତବ୍ୟ କୁ ସୁଚାରୁ ରୂପରେ ତୁଲେଇବାର ପଣ କରିବା ଏବଂ ସଦା ସର୍ବଦା ଗର୍ବ ରେ କହିବା ଆମେ ନବୋଦୟାନ୍

# ଗୋବର୍ଦ୍ଧନ ମଠରେ ଆଦିତ୍ୟ ଚିକିତ୍ସା କେନ୍ଦ୍ର ଉଦଘାଟିତ

ପୁରୀ, ୬।୩(ପି.ଏନ); ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଆଦିତ୍ୟ ବାହିନୀ ଦ୍ୱାରା ଏକ ନିତ୍ୟ ନିଶୁଳ୍କ ଆକ୍ୟୁପ୍ରେସର ଓ ଚୁମ୍ବକୀୟ ଚିକିତ୍ସା ଓ ପ୍ରଶିକ୍ଷଣ ନିମନ୍ତେ ଆଦିତ୍ୟ ଚିକିତ୍ସା କେନ୍ଦ୍ର ପ୍ରଦେଶ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆଙ୍କ ଦ୍ୱାରା ଉଦ୍ଘାଟନ ହୋଇଅଛି। ଏହି ଚିକିତ୍ସା ପ୍ରତ୍ୟେକ ଦିନ ଅପରାହ୍ଣ ୪ ଟା ରୁ ୬ଟା ପର୍ଯ୍ୟନ୍ତ ଆଦିତ୍ୟ ବାହିନୀର କେନ୍ଦ୍ରୀୟ କାର୍ଯ୍ୟାଳୟରେ ଓଡିଶା ସ୍ୱାସ୍ଥ୍ୟ ସଂଘ, ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ପ୍ରଶିକ୍ଷିତ କାର୍ଯ୍ୟକର୍ତ୍ତା ମାନେ ପ୍ରଦାନ କରିବେ । ଏହି ଚିକିତ୍ସା ସେବା ଦ୍ୱାରା ଆଣ୍ଠୁଗଣ୍ଠି ବାତ ରୋଗ, ସ୍ନାୟୁଗତ ରୋଗ, ମେରୁଦଣ୍ଡରେ ଯନ୍ତ୍ରଣା, ମଧୁମେହ ଓ ଅମ୍ଳ ରୋଗୀମାନେ ଉପସମ ପାଇବେ ।ଓଡିଶା ସ୍ୱାସ୍ଥ୍ୟ ସଂଘର ପ୍ରତିଷ୍ଠାତା ସଦସ୍ୟ ବିକାଶ ସାହୁ, ସମ୍ପାଦକ ସୌମିତ୍ର ଦାସ, ହରେକୃଷ୍ଣ ଖୁଂଟିଆ ଏହି ଉଦ୍ଘାଟନୀ ଉତ୍ସବରେ ଯୋଗ ଦେଇ ପୁରୀରେ ଏଭଳି କେନ୍ଦ୍ରରେ ସେବା ଦେବା ଆମ ପାଇଁ ସୌଭାଗ୍ୟ ର କଥା ବୋଲି ମତବ୍ୟକ୍ତ କରିଥିଲେ। ଆଦିତ୍ୟ ବାହିନୀର ନଗର ଅଧ୍ୟକ୍ଷ ଗଣେଶ୍ୱର ମହାସୁଆର ବିଶ୍ୱସାନ୍ତି, ରଂଜନ ଅଗ୍ରବାଲ ଜଟିକର, ପ୍ରଶାନ୍ତ ହେମଚନ୍ଦ୍ର ଝା , ଶାଗର କୁମାର, ସ୍ୱପ୍ନା, ଅପର୍ଣ୍ଣା ସତପଥୀ, ଶ୍ରୀରାମ ପ୍ରଧାନ, ଲୀନା ସାହୁ ଆଦି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସମ୍ଭାବନାର ସୂର୍ଯ୍ୟାଲୋକ

ଏଇ କିଛି ଦିନ ପୂର୍ବରୁ ମୋର ଜଣେ ବନ୍ଧୁ ଙ୍କର ଚିଠି ପଢ଼ିଲି। ସେ ତାଙ୍କ ବୋଉ ଙ୍କ ପାଖକୁ ଲେଖିଛନ୍ତି ଅତି ଯତ୍ନରେ ସ୍ନେହବୋଳା କଥା କେଇଧାଡ଼ି ଲେଖି ବୋଉ ଙ୍କୁ ସାନ୍ତ୍ୱନା ଦେଇଛନ୍ତି ।ସେ ଚିଠି ଟି ପଢ଼ି ମୋତେ ଲାଗିଲା ମୋ ବନ୍ଧୁ ଜଣକ ତାଙ୍କ ବୋଉ ଙ୍କୁ ପୁଅ ଭଳି ନୁହେଁ ବରଂ ତାଙ୍କ ବାପାଙ୍କ ଭଳି ବୁଝେଇ ଚିଠିଟି ଲେଖିଛନ୍ତି । ସତରେ ପିଲାମାନଙ୍କ ର ଏମିତି ସ୍ନେହ ଶ୍ରଦ୍ଧା ରେ ଚାକିରି ରୁ ଅବସର ପରେ କୌଣସି ବାପା ମା ମାନଙ୍କର ଆଉ କିଛି ଲୋଡ଼ା ନାହିଁ।ସେ ଚିଠି ପଢ଼ି ମୋର ମନେ ପଡ଼ିଲାଯେ,ମୋ ବାପାଙ୍କ କଥା ।

ଅବସର ପରେ ସେ ଗାଁ ରେ ରହୁଥାନ୍ତି । ପାଖାପାଖି ଏକ କି ଦୁଇ ମାସ ହେବ । ମୁଁ ଗାଁକୁ ଯାଇଥାଏ । କିଛି ଦିନ ରହଣି ଭିତରେ ମୁଁ ମୋ ବାପା ଙ୍କୁ ପଚାରିଲି,ବାବା ତୁମକୁ ଏବେ ଘରେ ବସିବାକୁ ଭଲ ଲାଗିବନି ତେଣୁ ତୁମ ପାଇଁ ଗୋଟିଏ ଚାକିରି ପାଇଁ ବ୍ୟବସ୍ଥା କରି ଆସିଛି ତୁମେ ସେଠି ରହିବ । ଗାଁ ରେ ତୁମେ ଚଳି ପାରିବନି । ଭାରି ଅଡୁଆ ଲାଗିବ । ତୁମର ଗାଁ ରେ ରହିବା ଅଭ୍ୟାସ ନାହିଁ ।ବାବା ଟିକିଏ ହସିଦେଲେ, ମୁଁ କହିଲି କ'ଣ ହେଲା ହସିଲ ଯେ !! ବାବା କହିଲେ,ଆ' ମୋ ପାଖରେ ବସ । ମୁଁ ତାଙ୍କ ପାଖରେ ବସିଲି ଆଉ କହିଲି କ'ଣ ଅସୁବିଧା ହେବ କି ବାବା ତୁମେ ପୁଣି ଚାକିରି କଲେ ? ତୁମେ ଅବସରପ୍ରାପ୍ତ ବୋଲି ଖରାପ ଲାଗିବନି ବରଂ ଅନ୍ୟମାନଙ୍କ ସହିତ ମିଶି ସମୟ ଅତିବାହିତ କରିବାକୁ ସୁଯୋଗ ମିଳିବ ତା ସହିତ ଭଲ ଅର୍ଥ ବି ମିଳିବ । ବାବା କହିଲେ,ଆରେ ତୁ ବୁଝୁନୁ ! ମୁଁ ଦୀର୍ଘ ବର୍ଷ ଧରି ତୁମ ମାନଂକ ଠାରୁ ଦୂରରେ ରହିଲି ଘର କଥା କିମ୍ବା ତୁମ ମାନଂକ କଥା ତୋ ଜେଜେଙ୍କ କଥା ଏଯାଏଁ ଭଲଭାବରେ ବୁଝି ପାରିଲି ନାହିଁ । ଏବେ ସେ ସମୟ ଆସିଛି ମୁଁ ସେସବୁକୁ ଆଉ ହାତଛଡ଼ା କରିବା ପାଇଁ ମୋଟେ ଚାହୁଁନି । ମୁଁ କହିଲି,ହଉ ବାବା ତୁମକୁ ଯାହା ଭଲ ଲାଗୁଛି ତୁମେ ସେଇୟା ହିଁ କର । ବାବାଙ୍କ କଥାରୁ ଯାହା ମୁଁ ଅନୁମାନ କଲି ଜୀବନ କୁ ପରିସ୍ଥିତି ଓ ସମୟ ଦୁଇଟି ଭିତରେ ଆରାମରେ ଚଳେଇନେଇ ହେବ । ଏଥିରେ ତିଳେ ମାତ୍ର ସନ୍ଦେହର ଅବକାଶ ନାହିଁ ।

ଦୀର୍ଘ ବର୍ଷ ଲୋକ ଚାକିରି କରିବା ଭିତରେ ଅନେକ କିଛି କଷ୍ଟ ଅନୁଭବ କରିଥାଏ । କାର୍ଯ୍ୟକାଳ ମଧ୍ୟରେ ସେ ଭଲଭାବରେ ନିଜ ପରିବାର ବନ୍ଧୁ ବର୍ଗ ଙ୍କ ସହିତ ମିଶିବାର ସୁଯୋଗ ପାଇପାରେନି । କେତେବେଳେ ଛୁଟି ମିଳେ ତ ପୁଣି କେତେବେଳେ କୌଣସି ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହେଲେ କେତେ ଦିନ ଧରି କାମ ର ଚାପ ରହିଥାଏ ତାହା ତ କହିବା କଷ୍ଟକର। କାର୍ଯ୍ୟକାଳ ସମୟରେ ଯଦି କିଛି ଏପଟସେପଟ ହେଲା ତା'ହେଲେ ମହାଭାରତ ଅସୁଦ୍ଧ ହୋଇଯାଏ । ଅବସର ପରେ ଏମିତି ଏକ ସମୟ ଆସେ ଯାହାକି ନୂଆ କରି ନିଜର



ସୁଚରିତା ମହାନ୍ତି

ଜୀବନ ଶୈଳୀ କୁ ପରିବର୍ତ୍ତନ କରିହୁଏ । ଅର୍ଥ ଏବଂ କାର୍ଯ୍ୟବ୍ୟସ୍ତତା ଭିତରେ ମଣିଷ ଭୁଲି ଯାଏ ବାହାର ଦୁନିଆ ର କଥା ।ଇଛା ମୁତାବକ ସେ କିଛି କରିପାରେ ନାହିଁ । ନିୟମ ଅନୁଯାୟୀ ସେ ନିଜକୁ ବାନ୍ଧି ରଖିଥାଏ ।

ଚାକିରି କାଳରେ ବିଭିନ୍ନ ପ୍ରକାରର ବିଭିନ୍ନ ମାନସିକତା ର ଲୋକ ଙ୍କ ସହିତ ମିଶିବା ପାଇଁ ପଡ଼ିଥାଏ । ବିଭିନ୍ନ ସମସ୍ୟା ର ସମାଧାନ କରିବାକୁ ପଡ଼ିଥାଏ । ସେହି ସମୟରେ ବହୁତ ଅନୁଭୂତି ମଣିଷ ସାଉଁଟି ରଖେ ଯାହାକି ପରବର୍ତ୍ତୀ ସମୟରେ ବହୁତ କାମ ରେ ଆସେ । ଘରେ ରହି ସେ ଗୁଡ଼ିକ ଉପରେ ଗଳ୍ପ କି କବିତା ସୃଷ୍ଟି କରିବା ରେ ଅସୁବିଧା ହୁଏ ନାହିଁ । ପ୍ରତ୍ୟେକ ଚରିତ୍ର ଗୋଟିଏ ଗୋଟିଏ କାହାଣୀ ହୋଇ ଆଖି ସାମ୍ନାରେ ଝଲସି ଉଠନ୍ତି । ମୋ କହିବାର ମାନେ ହେଉଛି, ଅବସର ଗ୍ରହଣ କରିବା ପରେ ମଣିଷ ଲେଖିବା, ପଢ଼ିବା, ବାଡ଼ି ବଗିଚାରେ ବିଭିନ୍ନ କିସମର ଗଛ ପତ୍ର ଲଗେଇ ସେଥିରେ ସମୟ ବିନିଯୋଗ କରିବା, ପରିବାର ସହିତ ବୁଲାବୁଲି କରିବା, ନାତିନାତୁଣୀ ଙ୍କ ସହିତ ନିଜକୁ ସାମିଲ କରି ସେମାନଙ୍କ ସହିତ ମଜା ମସ୍ତି କରିବା,ସମବୟସ୍କ ଲୋକଙ୍କ ସହିତ ନିଜର କଥା କୁ ବ୍ୟକ୍ତ କରିବା, ସାମାଜିକ କର୍ମ ରେ ଲିପ୍ତ ରହିବା ଏମିତି ବହୁତ କିଛି କାମ ଅଛି ଯେଉଁଗୁଡ଼ିକ କେବେ ମନରେ ଦୁଃଖ ଆଣିବ ନାହିଁ କି କ୍ଳାନ୍ତି ଅନୁଭବ କରେଇବ ନାହିଁ । ଚାକିରି ଜୀବନ ରେ ଆପଣଙ୍କ ର ଅନେକ ଉପଲବ୍ଧି ବେଳେବେଳେ ଏମିତି କାମ ରେ ଆସିଯାଏ ଯାହା କେହି କେବେ କଳ୍ପନା ମଧ୍ୟ କରିନଥିବେ ।

ଅବସର ପରେ ବହୁତ ଲୋକ ନିଜ ବାଡ଼ି ରେ ଘରର ଛାତ ଉପରେ ଫୁଲ ପନିପରିବା ଲଗେଇବା ର ନଜିର ଆସିଛି । କେଉଁଠି କେଉଁଠି ଗରିବ ପିଲାମାନଙ୍କୁ ପାଠ ପଢ଼ାଇ ନିଜକୁ ଖୁସିରେ ରଖିବାର ନଜିର ଅଛି । ତେଣୁ ଅବସର ପରେ ବିଷାଦଗ୍ରସ୍ତ ନ ହୋଇ ବରଂ ସୁନ୍ଦର ଭାବରେ ସମୟ ଅତିବାହିତ କରିବା ଉଚିତ । ଅବସର ପରା ଆପଣଙ୍କୁ ସୁଯୋଗ ଦିଏ ଆଉ ଏକ ନୂତନ ସମ୍ଭାବନାର ସୂର୍ଯ୍ୟାଲୋକ ଦେଖିବାପାଇଁ । ତା'ହେଲେ କୁହନ୍ତୁ ତ ଅବସର ପରେ ଆପଣମାନେ ନିଶ୍ଚୟ ଆନନ୍ଦ ଉଲ୍ଲାସରେ ସମୟ ଅତିବାହିତ କରିବାକୁ ମନସ୍ଥ କରିବେ କି ନାହିଁ !!

*ସମ୍ପାଦିକା 'ଭଞ୍ଜଦୀପ'*
*ମୋ :୮୯୧୭୫୭୧୨୦୨*




# ଶିକ୍ଷା ହିଁ ଗଢ଼ିପାରିବେ ସଶକ୍ତ ନାରୀ

ନାରୀ ଆମ ସମାଜର ଏକ ଅଭିନ୍ନ ଅଙ୍ଗ । ସେ ଅଦ୍ୱିତୀୟା, ଅନୁପମା ଓ ଦିବ୍ୟ ପବିତ୍ର ମାତୃତ୍ୱର ଅଧିକାରିଣୀ । ଜନନୀ,ଭଗିନୀ,ଜାୟା, କନ୍ୟା ରୂପରେ ମମତାମୟୀ,ସ୍ନେହମୟୀ ପ୍ରେମମୟୀ ଓ କରୁଣାମୟୀ ।ତାର ସମ୍ମାନ ସ୍ଥାନଟି ହୁଏ ଦେବତାଙ୍କ ବିଚରଣ ଭୂମି, ''ଯାତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ,ରମନ୍ତେ ତାତ୍ର ଦେବତା' ।ଏତାଦୃଶ ମହିମାମଣ୍ଡିତା ବିଶ୍ୱର ନାରୀ ସମ୍ପ୍ରଦାୟକୁ ସମ୍ମାନ ଜଣାଇ ମିଳିତ ଜାତିସଂଘ ଉତ୍ସର୍ଗ କରିଛି ଦିବସଟିଏ। ପ୍ରତିବର୍ଷ ମାର୍ଚ୍ଚ ମାସ ଆଠ ତାରିଖକୁ 'ବିଶ୍ୱ ମହିଳା ଦିବସ' ଭାବେ ସମଗ୍ର ବିଶ୍ୱରେ ପାଳିତ ହେଉଛି । ପ୍ରତିବର୍ଷ ପରି ଏବର୍ଷ ର ବାର୍ତ୍ତା ରହିଛି --'ଡିଜିଟ୍ ଅଲ୍: ଇନୋଭେଶନ୍ ଏଣ୍ଡ୍ ଟେକ୍ନୋଲୋଜି ଫର୍ ଜେଣ୍ଡର୍ ଇକ୍ୱାଲିଟି ' । ମହିଳାମାନଙ୍କର ଶିକ୍ଷା,ସାମାଜିକ , ରାଜନୈତିକ ତଥା ଅର୍ଥନୈତିକ ଉତ୍ତରଣ ଦ୍ୱାରା ମହିଳା ସଶକ୍ତିକରଣ ନିମନ୍ତେ ଉଦ୍ୟମ ପ୍ରକାଶ ପାଇଛି । ନାରୀ ସୁରକ୍ଷା ଓ ସମସ୍ୟା ଜର୍ଜରିତ ନାରୀଙ୍କୁ ଯଥୋଚିତ ନ୍ୟାୟ ପ୍ରଦାନ ସକାଶେ ଆର୍ନ୍ତଜାତୀୟ ସ୍ତରରରେ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି । ଏବେ ଭାରତରେ ସ୍ୱାଧୀନତାର ପଚସ୍ତରୀ ବର୍ଷ ପୂର୍ତ୍ତି ଉପଲକ୍ଷେ ପାଳିତ ହେଉଛି 'ଆଜାଦୀକା ଅମୃତ ମହୋତ୍ସବ' । ସ୍ୱାଧୀନତା ପ୍ରାପ୍ତିର ଏହି ପଚସ୍ତରୀ ବର୍ଷର ଦୀର୍ଘ ଅବଧି ମଧ୍ୟରେ ସୁଧୁରିଛି ନାରୀ ର ସ୍ଥିତି। ନାରୀର ସମ୍ମାନ ଓ ସୁରକ୍ଷା ନିମିତ୍ତ ଜାତିସଂଘର ପଦକ୍ଷେପ ସହ ତାଳ ଦେଇ ଆମ କେନ୍ଦ୍ର ତଥା ରାଜ୍ୟ ସରକାର ସକ୍ରିୟ ହୋଇ ନେଇଛନ୍ତି ଯୁଗାନ୍ତକାରୀ ପଦକ୍ଷେପ । ସଶକ୍ତ ନାରୀ, ସଶକ୍ତ ଭାରତ,ଏହି ବୀଜମନ୍ତ୍ର କୁ ଅନୁଭବ ନିଶ୍ଚୟ କରିଛନ୍ତି । ଆଜି ଏକବିଂଶତି ଶତାବ୍ଦୀର ଆଦ୍ୟପର୍ବରେ ନାରୀର ଭାଗ୍ୟାକାଶରେ ଉଦିତ



ଅନସୂୟା ମହାପାତ୍ର

ହୋଇସାରିଛି ସୌଭାଗ୍ୟର ରବି । ଜାଗରଣ ଓ ସଶକ୍ତିକରଣ ଅଭିଯାନରେ ନାରୀ ନେଉଛି ନେତୃତ୍ୱ । ପ୍ରାଥମିକ ପର୍ଯ୍ୟାୟରେ ଥିବା ପ୍ରତିକୂଳ ପରିସ୍ଥିତିର ଘଟିଛି ବିଳୟ । ପୁରୁଷ ସହ ସମତାଳ ଦେଇ ପ୍ରତିପାଦିତ କରୁଛି ନିଜ ପାରଗ ପଣିଆକୁ । ସ୍ଥୁଳ ଓ ସୂକ୍ଷ୍ମ ସ୍ତରରେ ଥିବା ପୁରୁଷର ପ୍ରତିଦ୍ୱନ୍ଦୀ ମନୋବୃତ୍ତିକୁ ନିକଟରୁ ଦେଖିଛି। ଏବେବି କନ୍ୟା ଜନ୍ମ ଓ ନାରୀସ୍ୱାଧୀନତା ପ୍ରତି ନକାରାତ୍ମକ ବାରୁଦ ଗନ୍ଧ କେଉଁଠି ନା କେଉଁଠି ବାରିହେଉଛି । ନାରୀ ଉପଭୋଗ୍ୟା , କନ୍ୟାବୋଝ, ସଯୌତୁକ ନାରୀ ଗ୍ରହଣୀୟ ଆଦି ମାନସିକତାକୁ ବିଦ୍ରୁପ କରି ନାରୀ ସଶକ୍ତିକରଣର ଘୋଷଯାତ୍ରା ସମାଜର ବଡଦାଣ୍ଡରେ ଆରମ୍ଭ ହୋଇଛି । ଶିଶୁକନ୍ୟାର ମାତୃଗର୍ଭରୁ ତାର ସୁରକ୍ଷା, ଜନ୍ମ ପରବର୍ତ୍ତୀ ସ୍ୱାସ୍ଥ୍ୟ , ପୋଷଣ, ବିକାଶ ଓ ଶିକ୍ଷା ପାଇଁ ବହୁବିଧ ଯୋଜନା ଓ ବିଭିନ୍ନ ଆଇନକୁ ପ୍ରଣୟନ କରାଯାଇଛି । ପରିସ୍ଥିତିକୁ ସାମ୍ନା କରି ସଫଳ ହୋଇଥିବା କେତେକ ଭାରତୀୟ ନାରୀଙ୍କ ମଧ୍ୟରେ ପ୍ରଶାସିକା ଇନ୍ଦିରା ଗାନ୍ଧୀ, କବୟିତ୍ରୀ ସରୋଜିନୀ, ଗାୟିକା କୋକିଳକଣ୍ଠି ଲତା ମଙ୍ଗେସ୍କର, ଆଇ.ପି.ଏସ୍. କିରନବେଦୀ , ଅନ୍ତରୀକ୍ଷ ଯାତ୍ରୀ କଳ୍ପନା ଚାୱଲା, ଦ୍ରୁତ ଧାବିକା ପି .ଟି .ଉଷା , ରମାଦେବୀ, ନନ୍ଦିନୀ ଶତପଥି , ଦ୍ରୋପଦୀ ମୁର୍ମୁ ଙ୍କ ପରି ସଫଳ ନାରୀଙ୍କ ପରିଚୟ ଜଣାଇଦେଉଛି ଯେ ଶିକ୍ଷା, ସାହିତ୍ୟ, ଗବେଷଣା, ପ୍ରଶାସନ ଆଦି ସମସ୍ତ କ୍ଷେତ୍ରରେ ନାରୀ ନିଜର ଗୌରବ ପ୍ରତିଷ୍ଠା କରିଛି ।
ନାରୀଶିକ୍ଷା ପାଇଁ ଉଦ୍ୟମରତା ହୋଇ ଗୁଳିବିଦ୍ଧ ହେବା ଓ ନୋବେଲ ପୁରସ୍କାର ପ୍ରାପ୍ତ ପାକିସ୍ତାନର ଚଉଦ ବର୍ଷୀୟ କିଶୋରୀ ମାଲାଲାର କାହାଣୀ ବିଶ୍ୱମହିଳାଙ୍କ ପାଇଁ ଏକ ଆହ୍ୱାନ ।

ସରକାରଙ୍କ ତରଫରୁ କନ୍ୟା ଭ୍ରୁଣ ହତ୍ୟା ନିରୋଧ ଆଇନ, ବେଟୀ ବଚାଓ,ବେଟୀ ପ ?ାଓ ଅଭିଯାନ, ଯୌତୁକନିରୋଧ ଆଇନ, ସମାନ ବେତନ ପ୍ରବର୍ତ୍ତନ ,ମିଶନ ଶକ୍ତି ,ଚାକିରିରେ ଓ ରାଜନୀତିରେ ସ୍ଥାନ ସଂରକ୍ଷଣ ଦ୍ୱାରା ନାରୀପାଇଁ ବୈପ୍ଳବିକ ପରିବର୍ତ୍ତନ ଆସିଛି । ନାରୀ ମଧ୍ୟ ଏନ୍.ଡି.ଆର୍.ଏଫ୍. ଦଳରେ ନିଯୁକ୍ତି ପାଇଛନ୍ତି। ତୁର୍କୀ ଓ ସିରିଆର ଅପରେସନ ଦୋସ୍ତ ଦଳରେ ସାମିଲ ହୋଇ ପ୍ରଶଂସା ଲାଭ କରିଛନ୍ତି ।

ସରକାରୀ ଓ ବେସରକାରୀ ଉଦ୍ୟମ କୁ ଲକ୍ଷ୍ୟ କଲେ ଏହାହିଁ ହୃଦବୋଧ ହୁଏ ଯେ ନାରୀର ପ୍ରତିଷ୍ଠା ନିମନ୍ତେ ପ୍ରଥମ ଓ ପ୍ରଧାନ ଆବଶ୍ୟକତା ହେଉଛି ଶିକ୍ଷିତ ହେବା ।କେବଳ ସ୍ୱାକ୍ଷର ନ ହୋଇ ଉଚ୍ଚଶିକ୍ଷା ନାରୀ ପାଇଁ ଜରୁରୀ । ଏକ ପୁରୁଷ ଶିକ୍ଷାପ୍ରାପ୍ତ ହେଲେ ଗୋଟିଏ ବ୍ୟକ୍ତି ଶିକ୍ଷିତ ହୁଏ, ମାତ୍ର ଏକ ନାରୀ ହେଲେ ଏକ ପରିବାର ଶିକ୍ଷିତ ହୁଏ ,ଏହି ଉକ୍ତିର ଯଥାର୍ଥତା ରହିଛି ।ଆଜି ଭାରତରେ ସମୁଦାୟ ଜନସଂଖ୍ୟାରୁ ନାରୀଙ୍କ ସଂଖ୍ୟା ଶତକଡା ୪୮.୩୯ ,ତନ୍ମଧ୍ୟରୁ ଶିକ୍ଷିତ ନାରୀଙ୍କ ସଂଖ୍ୟା ଶତକଡା ୭୦.୩ । ଯେଉଁଠି ପାଶ୍ଚାତ୍ୟ ଦେଶରେ କର୍ମଜୀବୀ ମହିଳାଙ୍କ ସଂଖ୍ୟା ଶତକଡା ସତୁରୀ ଭାଗ ରୁ ଅଧିକ ,ଆମ ଭାରତରେ ତାହା ଶତକଡା ୫୨.୮ । ତେଣୁ ନାରୀ ଟି ଶିକ୍ଷିତ ହେବା ଜରୁରୀ । ୨୦୨୨ରେ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ ର ଗ୍ଲୋବାଲ୍ ଜେଣ୍ଡର୍ ଗ୍ୟାପ୍ ର ରିପୋର୍ଟ ଅନୁସାରେ ମହିଳାଙ୍କ ସ୍ଥିତି ଦୃଷ୍ଟିରୁ ବିଶ୍ୱର ୧୪୬ଦେଶ ମଧ୍ୟରୁ ଭାରତ ୧୩୫ ନମ୍ବର ସ୍ଥାନରେ ରହିଛି । ଦେଶରେ ସାମ୍ବିଧାନିକ ଦୃଷ୍ଟିରୁ ସାର୍ବଜନୀନ ଶିକ୍ଷା ସହ ନାରୀଶିକ୍ଷାକୁ ମଧ୍ୟ ପ୍ରୋତ୍ସାହିତ କରାଯାଉଛି । ଏକ ଶିକ୍ଷିତ ନାରୀର ଜୀବନଶୈଳୀ,କାର୍ଯ୍ୟଦକ୍ଷତା ,ଚିନ୍ତା , ଆବେଗ ନିଶ୍ଚିତ ଭାବେ ସ୍ୱତନ୍ତ୍ର । ଶିକ୍ଷାଦ୍ୱାରା ଜ୍ଞାନପ୍ରାପ୍ତି ହେତୁ ଯୋଗ୍ୟ ହୋଇ ଉଚ୍ଚ ପଦପଦବୀ ହାସଲ କରେ ଓ ଅର୍ଥନୈତିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇ ନିଜର ତଥା ପରିବାର ପରିଚାଳନା ରେ ସାମିଲ ହୁଏ । ନାରୀର ଆର୍ଥିକ ସ୍ୱଚ୍ଛଳତା ଅନେକ ସମସ୍ୟାର ସମାଧାନ କରେ । ଶିକ୍ଷା ପ୍ରାପ୍ତି ଦ୍ୱାରା ନିଜର କ୍ୟାରିଅର୍ ଗଢିବା ସହ ନାରୀର ପୂର୍ବ ଦୁର୍ବଳ 'ମାନସିକ ବନ୍ଦୀ'ର ସ୍ଥିତିରୁ ସେ ମୁକ୍ତ ହୁଏ। ଶିକ୍ଷା ତା'ର ଆତ୍ମବିଶ୍ୱାସକୁ ଦୃଢିଭୂତ କରେ। ସେ ଯେକୌଣସି ପରିସ୍ଥିତିରେ ସହଜରେ ହାର ମାନେ ନାହିଁ । ପ୍ରତିଟି ସମସ୍ୟା ଓ ସଂକଟକୁ ଏକ ସୁଯୋଗରେ ପରିଣତ କରି ଭିନ୍ନ ଭାବେ ସମାଧାନ କରେ । ଶିକ୍ଷିତ ନାରୀ ଦ୍ୱାରା ସାମାଜିକ ପୁନର୍ଗଠନ ଓ ସଶକ୍ତ ରାଷ୍ଟ୍ର ନିର୍ମାଣର ସ୍ୱପ୍ନ ବାସ୍ତବରେ ପରିଣତ ହୁଏ । ତେଣୁ ନାରୀ ନିଜେଶିକ୍ଷା ପ୍ରାପ୍ତ ହେବାକୁ ଶପଥ ନେବା ଉଚିତ । ନାରୀର ଶିକ୍ଷା ନାରୀ ପାଇଁ ଏବଂ ରାଷ୍ଟ୍ର ପାଇଁ ଅତ୍ୟନ୍ତ ଜରୁରୀ ।

*ଯାଜପୁର,*
*ଦୂରଭାଷ -୮୭୬୩୩୯୭୧୯୯*

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK ପର୍ଯ୍ୟବେକ୍ଷକ
Bhubaneswar Tuesday March 07, 2023 ଭୁବନେଶ୍ୱର ମଙ୍ଗଳବାର, ମାର୍ଚ୍ଚ ୦୭,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ପାରାଦୀପ ବାର୍ ଆସୋସିଏସନ୍ ନିର୍ବାଚନ-୧୪ ଜଣ ପ୍ରାର୍ଥୀପତ୍ର ଦାଖଲ କଲେ



ପାରାଦୀପ,(ପି.ଏନ): ଓଡିଶା ଷ୍ଟେଟ୍ ବାର୍ କାଉନସିଲ୍ ନିର୍ଦ୍ଦେଶ କ୍ରମେ ରାଜ୍ୟର ସମସ୍ତ ବାର୍ ଆସୋସିଏସନ୍‌ମାନଙ୍କର ଚଳିତ ବର୍ଷ ନିମନ୍ତେ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି । ଚଳିତ ମାସ ୪ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ କରିବା ପାଇଁ ସ୍ଥିର ହୋଇଥିଲା । ଏହି ଅବସରରେ ପାରାଦୀପ ବାର୍ ଆସୋସିଏସନ୍‌ରେ ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସୋମବାର ଦିନ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ରହିଥିଲା । ମୋଟ ୧୪ ଜଣ ପ୍ରାର୍ଥୀ ବିଭିନ୍ନ ପଦବୀ ପାଇଁ ସେମାନଙ୍କର ପ୍ରାର୍ଥୀପତ୍ର ଦାଖଲ କରିଥିବା ନେଇ ନିର୍ବାଚନ ଅଧିକାରୀ ଗୋରାଚାନ୍ଦ ସିଂ ସୂଚନା ଦେଇଛନ୍ତି । ଶନିବାର ଠାରୁ ସୋମବାର ମଧ୍ୟରେ ଏହି ପ୍ରାର୍ଥୀମାନେ ସେମାନଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ୧୦ ତାରିଖ ଦିନ ପ୍ରାର୍ଥୀପତ୍ର ଯାଂଚ କରାଯିବ, ୧୨ ତାରିଖ ଦିନ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ୨୫ ତାରିଖ ଦିନ ସକାଳ ୮ଟାରୁ ଭୋଟ ଗ୍ରହଣ କରାଯାଇ ଅପରାହ୍ନ ୪ଟା ରୁ ଭୋଟ ଗଣତି ହୋଇ ଫଳାଫଳ ଘୋଷଣା କରାଯିବା ବୋଲି ନିର୍ବାଚନ ଅଧିକାରୀ ଶ୍ରୀ ସିଂ ସୂଚନା ଦେଇଛନ୍ତି । ଏହି ନିର୍ବାଚନ ପ୍ରକ୍ରିୟାରେ ଆଇନଜୀବୀ ସଦାନନ୍ଦ ମଲ୍ଲିକ ସହ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି ।

## ଜିଲା ପ୍ରେସକ୍ଲବ ଠାରେ ବିଏମ ଏସର ଦୁଇଦିନିଆ ବୈଠକରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ

ଫୁଲବାଣୀ,(ପି.ଏନ):ଭାରତୀୟ ମଜଦୂର ସଂଘରରାଜ୍ୟ କାର୍ଯ୍ୟ କାରିଣୀ ବୈଠକ ଅବସରରେ ଅଲ ଓଡିଶା ଅଙ୍ଗନବାଡି ୱାର୍କ ର୍ସ ଆସୋସିଏସନ ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରୀୟ ସମ୍ପାଦକ ଅଞ୍ଜଳୀ ପଟେଲ ଓ ରାଜ୍ୟ ସାଧାରଣ ସଂମ୍ପାଦିକା ଝୁନୁପମା ଶତପଥି ଯୋଗଦେଇଥିଲେ ।ଅଲ ଓଡିଶା ଅଙ୍ଗନବାଡି ଆସୋସିଏସନ ଭାରତୀୟ ମଜଦୂର ସଂଘ ସହ ଅନୁବନ୍ଧିତ ହୋଇଛି ।ଦୀର୍ଘ୪୫ଦିନ ର କାର୍ଯ୍ୟ ବନ୍ଦ ଆନ୍‌ଦୋଳନ ପରେ ମୁଖ୍ୟ ଶାସନ ସଚିବ ଓ ବିଭାଗୀୟ ସଚିବ ଙ୍କ ସହ ଆଲୋଚନା ପରେ ଆନ୍‌ଦୋଳନ ସ୍ଥଗିତ ରଖାଯାଇଥିଲା । କିନ୍ତୁ ଆଠ ଦଫା ଦାବୀ ପୁରଣ ପାଇଁ ଧାର୍ଯ୍ୟ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ କେନ୍ଦ୍ର କିମ୍ବା ରାଜ୍ୟ ସରକାର କୋ ?ଣସି ପଦକ୍ଷେପ ନେଇ ନଥିବାରୁ ଆସନ୍ତା ମାର୍ଚ୍ଚ ୯ତାରିଖ ପରେ ପୁନର୍ବାର ଆନ୍‌ଦୋଳନ ପାଇଁ ପ୍ରସ୍ତୁତ ହେବାକୁ କର୍ମୀ ମାନଙ୍କୁ ଆହ୍ୱାନ ଦିଆଯାଇଛି ।ଫେବୃୟାରୀ ୧୫ତାରିଖ ସୁଦ୍ଧା ଦାବୀ ପୁରୁଣ କରିବାକୁ ବିଭାଗୀୟ ସଚିବ ଙ୍କ ସହ ଆଲୋଚନା ହୋଇଥିଲା ।ତେଣୁ ପ୍ରଥମେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେଦାବୀପତ୍ର ପ୍ରଦାନ କରାଯିବ। ଦିନିକିଆ ଧାରଣା ସହ ପ୍ରତିବାଦ ସଭା ଅନୁଷ୍ଠିତ ହେବାକୁ ସାମ୍ବାଦିକ ସମ୍ମିଳନୀରେ ସୂଚ଼ନା ଦେଇଥିଲେ ।ସରକାରଦାବୀ ପୂରଣରେ ଅବହେଳା କଲେ ଆନ୍‌ଦୋଳନ ତୀବ୍ରତର କରାଯିବାକୁ ନିଷ୍ପତ୍ତି ନିଆଯାଇଛି ।ଏହି ଅବସରରେ ବିଏମ ଏସର ରାଜ୍ୟ ସମ୍ପାଦକ ବିନୟ ତ୍ରିପାଠୀ, ଉପ ସଭାପତି ଏ ଶ୍ରୀନିବାସ ରାଓ ,ସଂଗଠନ ସମ୍ପାଦକ ଗିରିଷ ମହନ୍ତ ଓ ବିଏମ ଏସର ଜିଲା ସଭାପତି ଅଶୋକ ପରିଡା ପ୍ରମୁଖ ଯୋଗ ଦେଇଥିଲେ ।

## ରାସ୍ତା ଖୋଳିଲେ, ଡ୍ରେନ ପୋତିବାକୁ ଭୁଲିଗଲେ



ଭୁବନେଶ୍ୱର,(ପି.ଏନ): ଭୁବବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ଗ୍ରାମପଂଚାୟତ ଅଧୀନସ୍ଥ ଗାଙ୍ଗୋତ୍ରୀ ନଗର ରୋଡ ନଂ-୩ରେ ମୁକୁଳା ଡ୍ରେନ ସାଧାରଣ ଲୋକ, ପଶୁପକ୍ଷୀ, ମୁକୁଳା ଡ୍ରେନରେ ପଡି ଆହତ ହେଉଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ନିର୍ଦ୍ଦିଷ୍ଟ ଠିକାଦାର(ଗ୍ରାମ୍ୟ ଉନ୍ନୟନ) ବିଭାଗର ଡ୍ରେନ ସଫା ପାଇଁ କାର୍ଯ୍ୟ ମିଳିଥିବାରୁ ନିମ୍ନମାନର କାମ କରି ମାର୍ଚ୍ଚ ୩୧ ପୂର୍ବରୁ ଫଲସ୍ ବିଲ୍ କରି ନେଇଯିବା ପାଇଁ ଯୋଜନାବଦ୍ଧ ଷଡଯନ୍ତ୍ର ଚାଲିଛି । ଗାଙ୍ଗୋତ୍ରୀ ନଗର ରୋଡ୍ ନଂ-୩ରେ ଅଧିକାଂଶ ଡ୍ରେନ ମୁକୁଳା ପଡିଛି । ଡ୍ରେନର ସ୍ଲାବ ଆଗରୁ ଥିଲେ ମଧ୍ୟ ଠିକଦାରଙ୍କ ଖାମଖିଆଲି ନୀତି ପାଇଁ ଡ୍ରେନକୁ ମୁକୁଳା ପକାଇଦେଇଛନ୍ତି । ବାରମ୍ବାର ଉପର ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କର୍ଣ୍ଣପାତ କରିବାକୁ କେହି ନାହିଁ । ନିମ୍ନମାନର କାମ ହୋଇଥିବାରୁ ଭିଜିଲାନ୍ସ ତଦନ୍ତ ସାଧାରଣରେ ଦାବୀ ହୋଇଛି । ସରକାର ମୁକୁଳା ଡ୍ରେନକୁ ବନ୍ଦ କରିବା ପାଇଁ ଏବଂ ସଫା କରିବା ପାଇଁ ତତ୍ପର ପ୍ରକାଶ କରୁଥିବାବେଳେ ଅତୀତରେ ମୁକୁଳା ଡ୍ରେନ ପାଇଁ ଅନେକ ନିରୀହ ଜୀବନ ଚାଲିଯାଇଥିଲେ ମଧ୍ୟ ସ୍ଥାନୀୟ ଅଧିକାରୀଙ୍କ ଉଦାସୀନତା ପାଇଁ ସାଧାରଣଲୋକଙ୍କ ଜୀବନ ବାଜି ଲାଗିଛି ।ପ୍ରାୟ ଏକମାସରୁ ଉର୍ଦ୍ଧ୍ୱ ହେଲାଣି ଡ୍ରେନ ମୁକୁଳା ପଡିଛି । ବହୁ ଲୋକ ପଡି ଆହତ ହେଉଛନ୍ତି ଏବଂ ଶସ୍ତା କାମ ହୋଇଥିବା ପରିଲକ୍ଷିତ ହେଉଛି । ସାଧାରଣରେ ପ୍ରଶ୍ନ ଏଇଠି କହିବେ କାହାକୁ ଶୁଣିବ କିଏ । ନିକଟରେ କିଛି ସ୍କୁଲ ପିଲା ସାଇକେଲରେ ଆସୁଥିବାବେଳେ ମୁକୁଳା ଡ୍ରେନ ପାଇଁ ସାଇକେଲ ଚକା ଡ୍ରେନ ଭିତରେ ପଶିଯାଇଥିଲା ଏବଂ ସେ ପିଲା ଗୁରୁତ୍ୱର ଭାବେ ଆହତ ହୋଇଥିଲେ, ଏକ ଷଣ୍ଢ ଡ୍ରେନ ଭିତରେ ଗଳିପଡିଥିବାରୁ ବହୁ କଷ୍ଟରେ ଉଦ୍ଧାର କରାଯାଇଥିଲା । ଏମିତି ପ୍ରତ୍ୟେକ ଦିନ ନାନାପ୍ରକାର ଅସୁବିଧା ହେବାର ପରିଲକ୍ଷିତ ହେଉଛି । ଗତ କିଛି ଦିନ ତଳେ ବିଦ୍ୟୁତ୍ ସରବରାହ କଟିଯାଇଥିବାରୁ ଚାଲିଯାଉଥିବା ଲୋକ ମୁକୁଳା ଡ୍ରେନରେ ଗଳିପଡିଥିଲେ । ଏବଂ ତାଙ୍କ ଅଂଟା ବାଜି ଗୁରୁତ୍ୱର ଭାବେ ଆହତ ହୋଇଥିଲେ । ଅନ୍ଧ ଲୋକ ଡ୍ରେନ ଭିତରେ ପଡିଯାଇଥିଲେ । ଉକ୍ତ ଠିକଦାରଙ୍କ ଲାଇସେନ୍ସକୁ ତୁରନ୍ତ ବାତିଲ, କରାଯାଇ ତାଙ୍କୁ କଳାତାଲିକାଭୁକ୍ତ କରିବା ପାଇଁ ସାଧାରଣରେ ଦାବୀ ହୋଇଥିବାବେଳେ ଯେତେ ଶୀଘ୍ର ବିଭାଗୀୟ କର୍ତ୍ତୁପକ୍ଷ ମୁକୁଳା ଡ୍ରେନକୁ ପୋତିବା ପାଇଁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବା ପାଇଁ ଲୋକମାନେ କର୍ତ୍ତୁପକ୍ଷଙ୍କୁ ଅନୁରୋଧ କରିଛନ୍ତି ।

## ୧୦ଟି ହୋଟେଲ ଉପରେ ଚଢାଉ, ୨୬ଟି ଘରୋଇ ସିଲିଣ୍ଡର ଜବତ

ଜୟପୁର, (ପି.ଏନ): ଜୟପୁର ସହରରେ ବେଆଇନ ଭାବେ ବିଭିନ୍ନ ହୋଟେଲ ଓ ରେଷ୍ଟୁରାଂଟରେ ଘରୋଇ ଗ୍ୟାସ ବ୍ୟବହୃତ କରୁଥିବା ଅଭିଯୋଗ ରେ ଚଢାଉ ହୋଇଛି । ଜୟପୁର ଉପଖଣ୍ଡ ପ୍ରଶାସନ ତରଫରୁ ଚଢାଉ କରାଯାଇଛି । ସହରରେ ୧୦ଟି ହୋଟେଲ ଓ ରେଷ୍ଟୁରାଂଟରେ ଚଢାଉ କରାଯାଇ ୭ଟି ହୋଟେଲରୁ ୨୬ ଟି ଘରୋଇ ସିଲିଣ୍ଡରକୁ ଜବତ କରାଯାଇଛି । ଏହି ଚଢାଉରେ ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନ, ଯୋଗାଣ ନିରିକ୍ଷକ ଦେବଶ୍ରୀ ମାର୍ଥା, ମୁରଲି ଧର ହାଁସା, ଆଦିତ୍ୟ ପ୍ରସାଦ ଦଳେଇ, ସହ ପୌର କର୍ମଚାରି ସହ ଟାଉନ ପୋଲିସ ଉପସ୍ଥିତ ଥିଲେ ।

# ପାରାଦୀପ ନଗର ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳିତ



ପାରାଦୀପ,(ପି.ଏନ): ପାରାଦୀପର ନୂଆବଜାର ଠାରେ ଥିବା ବିଜୁ ପଟ୍ଟନାୟକ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ମହାନ ଜନନାୟକ,ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୭ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସ୍ମୃତି ସଭାରେ ଟ୍ରଷ୍ଟର ସଭାପତି ତଥା ପୂର୍ବତନ ମନ୍ତ୍ରୀ ଡା.ଦାମୋଦର ରାଉତ ପୌରହିତ୍ୟ କରିଥିଲେ । ଏହି ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ,ସମ୍ମାନୀତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ, ପାରାଦୀପ ବିଧାୟକ ସଂବିତ ରାଉତରାୟ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ସବିତା ମହାପାତ୍ର, ପାରିଷଦ ପ୍ରଭାତୀ ନାୟକ,ବରିଷ୍ଠ ବିଜେଡି ନେତା ମାଗୁ ଚରଣ ନାୟକ, ଆଇନଜୀବୀ ସୁରେଶ ଚନ୍ଦ୍ର ଦାସ ଯୋଗ ଦେଇଥିଲେ । ସଭା ପରିଚାଳନା କରିଥିଲେ ବିଜୁ ମେମୋରିଆଲ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ସୁମନ୍ତ କୁମାର ବିଶ୍ୱାଳ । ସବୁଠୁଁ ବଡ କଥା ହେଲା ଏହି ସ୍ମୃତି ସଭାରେ ଟ୍ରଷ୍ଟର ସମ୍ପାଦକ ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ନିମନ୍ତ୍ରଣ କରାଯାଇ ନଥିଲା ଏବଂ ଟ୍ରଷ୍ଟର ସମ୍ପାଦକ ଭାବେ ଟ୍ରଷ୍ଟର ସବୁ ଭଲମନ୍ଦ ଦାୟିତ୍ୱ ମୋର ଥିବା ବେଳେ ମତେ ନ ଜଣେଇ ଟ୍ରଷ୍ଟରେ କାର୍ଯ୍ୟକ୍ରମକୁ ନେଇ ଶ୍ରୀ ବିଶ୍ୱାଳ କ୍ଷୋଭ ପ୍ରକାଶ କରିଛନ୍ତି । ଦୀର୍ଘ ଦିନ ଧରି ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ଆୟୋଜନର ଦାୟିତ୍ୱ ନେଇ ଆସିଥିବା ବେଳେ ଚଳିତ ବର୍ଷ ମତେ ଏହି କାର୍ଯ୍ୟକ୍ରମରେ ସାମିଲ ନକରିବା ଦୁଃଖ ଓ ପରିତାପର ବିଷୟ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି । ପାରାଦୀପରେ ବିଜେଡି ବସ୍ତୁତଃ ଦୁଇ ଫାଳରେ ଚାଲିଥିବା ନେଇ ଯେଉଁ ଚର୍ଚ୍ଚା ଚାଲି ଆସିଥିଲା ତାହାର ଆଉ ଏକ ନମୁନା ଦେଖିବାକୁ ମିଳିଛି । ଅପରପକ୍ଷରେ ବିଜୁ ବାବୁଙ୍କୁ ଭଲ ପାଉଥିବା ବ୍ୟକ୍ତିମାନଙ୍କୁ ଆମନ୍ତ୍ରଣ କି ନିମନ୍ତ୍ରଣ କରିବାର ଆବଶ୍ୟକ ନାହିଁ ଯିଏ ବିଜୁ ବାବୁଙ୍କୁ ଭଲ ପାଉଛନ୍ତି ସେମାନେ ଏହି ସଭାରେ ସାମିଲ ହୋଇଛନ୍ତି ବୋଲି ପାରାଦୀପ ବିଧାୟକ ତାଙ୍କ ଅଭିଭାଷଣରେ କହିଥିଲେ ।

## ପତି ବିରାଟଙ୍କ ସହିତ ବାବା ମହାକାଳଙ୍କ ଦର୍ଶନ କଲେ ଅନୁଷ୍କା ଶର୍ମା

ଉଜ୍ଜୈନ, (ପି.ଏନ): ପତି ବିରାଟ କୋହଲିଙ୍କ ସହିତ ଶୁକ୍ରବାର ବାବା ମହାକାଳଙ୍କ ଦର୍ଶନ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା । ବାବା ମହାକାଳଙ୍କ ନଗରୀ ଉଜ୍ଜୈନ ସ୍ଥିତ ମହାକାଳେଶ୍ୱର ମନ୍ଦିରରେ ପହଂଚି ପୂଜାର୍ଚ୍ଚନା କରିବା ସହ ଦୁହେଁ ବାବାଙ୍କ ଆର୍ଶିବାଦ ନେଇଛନ୍ତି । ଯାହାର ଫଟୋ ଏବଂ ଭିଡ଼ିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବାରେ ଲାଗିଛି । ବିରାଟ ଓ ଅନୁଷ୍କା କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମହାକାଳ ମନ୍ଦିରରେ ପହଂଚିଥିଲେ । ସେଠାରେ ଭସ୍ମ ଆରତିରେ ସାମିଲ୍ ହୋଇ ବାବା ମହାକାଳଙ୍କ ପୂଜାର୍ଚ୍ଚନା କରିଥିଲେ । ଏହି ପୂଜା ସମୟରେ ଅନୁଷ୍କା ଶାଢ଼ୀ ପିନ୍ଧି, ମଥାରେ ଭସ୍ମ ଲଗାଇ ଶିବଲିଙ୍ଗରେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି ।

# ପାରାଦୀପ ନଗର ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳିତ



ପାରାଦୀପ,(ପି.ଏନ): ପାରାଦୀପ ନଗର ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୭ ତମ ଜୟନ୍ତୀ ବିଭିନ୍ନ କାର୍ଯ୍ୟକ୍ରମ ସହିତ ପାଳିତ ହୋଇଯାଇଛି । ସକାଳେ ପାରାଦୀପ ବିଜୁ ମଇଦାନ ନିକଟରୁ ଏକ ବିଶାଳ ସାଇକେଲ୍ ଶୋଭାଯାତ୍ରା ବାହାରି ଥିଲା । ନଗର ବିଜେଡି ସଭାପତି ତଥା ପାରାଦୀପର ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଏହି ସାଇକେଲ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରା ପାରାଦୀପ ସହର ପରିକ୍ରମା କରି ଅଠରବାଙ୍କୀ ଠାରେ ଶେଷ ହୋଇଥିଲା । ଅଠରବାଙ୍କୀସ୍ଥିତ ବିଜୁ ମେମୋରିଆଲ୍ ହସପିଟାଲ୍ ପରିସରରେ ଥିବା ରୋଗୀମାନଙ୍କୁ ଫଳ ବ୍ଣ୍ଟନ କରାଯାଇଥିଲା । ନିକଟସ୍ଥ ବିଜୁ ଉଦ୍ୟାନ ପରିସରରେ ବିଜୁ ବାବୁଙ୍କ ପୂର୍ଣ୍ଣ ଅବୟବରେ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଅଧ୍ୟକ୍ଷ ପି.ଏଲ୍.ହରନାଦ,ପାରାଦୀପ ବିଧାୟକ ସଂବିତ ରାଉତରାୟ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ,ରାଜ୍ୟ ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ସବିତା ମହାପାତ୍ର, ବିଜୁ ମେମୋରିଆଲ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ସୁମନ୍ତ କୁମାର ବିଶ୍ୱାଳ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଶ୍ରମିକ ନେତା ପ୍ରଭାତ ସାମନ୍ତରାୟ,ବରିଷ୍ଠ ବିଜେଡି ନେତା ମାଗୁ ଚରଣ ନାୟକ, ଅନନ୍ତ କୁମାର ଦାସ,ଯୁବ ବିଜେଡି ସଭାପତି ଆଲୋକ କୁମାର ମହାପାତ୍ରଙ୍କ ସମେତ ପୌରପାଳୀକାର ପାରିଷଦ ଏବଂ ଦଳୀୟ ନେତାମାନେ ଯୋଗ ଦେଇ ମାଲ୍ୟାର୍ପଣ କରିଥିଲେ । ବିଜୁ ବାବୁଙ୍କ ଜୀବନାଦର୍ଶ ସମ୍ପର୍କରେ ସେଠାରେ ନେତାମାନେ ଆଲୋକପାତ କରିଥିଲେ । ଏହି ଅବସରରେ ବିଜୁ ବାବୁଙ୍କ ସମୟର ୩୫ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ଛଅ ଜଣ ରେଳ କର୍ମଚାରୀ ପୁରସ୍କୃତ

ଭୁବନେଶ୍ୱର,(ପି.ଏନ): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ମନୋଜ ଶର୍ମା ଆଜି ଛଅ ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟ ସମ୍ପାଦନ ସମୟରେ ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ସତର୍କତା ପାଇଁ ପୁରସ୍କୃତ କରିଛନ୍ତି ।ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅନ୍ତର୍ଗତ ଗୋରଖନାଥ ଷ୍ଟେସନର ପଏଣ୍ଟସମ୍ୟାନ୍ ଶ୍ରୀ ଅଜିତ ବାହିରା ଓ ଇଚ୍ଛାପୂରମ ଷ୍ଟେସନର ପଏଣ୍ଟସମ୍ୟାନ୍ ଶ୍ରୀ ଜି ରାମବାବୁ ଏବଂ ସମ୍ବଲପୁର ରେଳମଣ୍ଡଳ ଅନ୍ତର୍ଗତ ଲାଞ୍ଜିଗଡ଼ ରୋଡ୍ ଷ୍ଟେସନରେ କାର୍ଯ୍ୟରତ ପଏଣ୍ଟସମ୍ୟାନ୍ ଶ୍ରୀ ଜଗନ୍ନାଥ ରଣାଙ୍କ ସହିତ ସମ୍ବଲପୁର ରେଳମଣ୍ଡଳ ଅନ୍ତର୍ଗତ ଲୋଇଶିଙ୍ଗା ଷ୍ଟେସନର ଟ୍ରାକ ମେଣ୍ଟେନର ଶ୍ରୀ ପ୍ରସନ୍ନ କୁମାର ତ୍ରିପାଠୀ ଏବଂ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଅନ୍ତର୍ଗତ ଧାନମଣ୍ଡଳ ରେଳ ଷ୍ଟେସନର ଟ୍ରାକ ମେଣ୍ଟେନର ଶ୍ରୀ ମଦନ କୁମାର ସିଂ ସେମାନଙ୍କର କାର୍ଯ୍ୟରତ ସମୟରେ ଚ଼ଳନ୍ତା ଟ୍ରେନ ଗୁଡିକର ହଟ ଆକ୍ସିଲ ଚିହ୍ନଟ କରି ଟ୍ରେନ ଚ଼ଳାଚ଼ଳରେ ସମ୍ଭାବ୍ୟ ଦୁର୍ଘଟଣା ଏଡାଇ ପାରିଥିବାରୁ ସେମାନଙ୍କୁ ମହାପ୍ରବନ୍ଧକ ଶ୍ରୀ ଶର୍ମା ବିଶେଷ ଭାବେ ସମ୍ମାନିତ କରିଛନ୍ତି । ଏହା ବ୍ୟତୀତ ସମ୍ବଲପୁର କଣ୍ଟ୍ରୋଲରେ କାର୍ଯ୍ୟ କରୁଥିବା ସିନିୟର ସେକ୍ସନ୍ ଇଞ୍ଜିନିୟର ଶ୍ରୀ ଏସ୍ କେ ମହାପାତ୍ର ହଟ୍ ଆକ୍ସିଲ ରିପୋର୍ଟ ଗ୍ରହଣ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ଯାହା ଦ୍ୱାରା ଟ୍ରେନ୍ କୁ ମାର୍ଗରେ ଅଟକରଖାଯାଇ ଏକ ବଡ ଦୁର୍ଘଟଣାକୁ ଏଡାଇ ଦିଆଯାଇ ପାରିଥିଲା ।ଉପରୋକ୍ତ କର୍ମକର୍ତ୍ତାଙ୍କୁ ସମ୍ମାନିତ କରି ଶ୍ରୀ ମନୋଜ ଶର୍ମା କହିଛନ୍ତି ଯେ ଗ୍ୟାଙ୍ଗମେନ, ଟ୍ରଲିମେନ, ଗେଟମେନ, ଓଏଚ଼ଇ ଖଲାସି ଏବଂ ଅନ୍ୟାନ୍ୟ ରକ୍ଷଣାବେକ୍ଷଣ କ୍ୟାଡରଙ୍କ କଠିନ ପରିଶ୍ରମ ଏବଂ ସତର୍କତା, ଯେଉଁମାନେ ନିରାପଦରେ ଟ୍ରେନ ଚ଼ଳାଚ଼ଳ ପାଇଁ ପୂର୍ବ ତଟ ରେଳପଥରେ ଦିନରାତି କଠିନ ପରିଶ୍ରମ କରୁଛନ୍ତି ସେମାନଙ୍କୁ ସ୍ୱୀକୃତି ପ୍ରଦାନ କରିବା ଉଚ଼ିତ୍ । ସେ ମଧ୍ୟ ରେଳବାଇ କର୍ମଚ଼ାରୀଙ୍କୁ ନିବେଦନ କରିଛନ୍ତି ଯେ କାର୍ଯ୍ୟରତ ଥିବା ସମୟରେ ସତର୍କ ରୁହନ୍ତୁ ଯାହା ଦ୍ୱାରା ଯାତ୍ରୀ ଏବଂ ଟ୍ରେନ୍ ନିରାପତ୍ତା ସମ୍ଭବ ହୋଇପାରିବ । ଏହି ଅବସରରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ଶରଦ କୁମାର ଶ୍ରୀବାସ୍ତବ ଏବଂ ରେଳପଥର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray